## ସଂକ୍ଷେପରେ

### କୁଳଦୀପ୍‌ଙ୍କୁ ବ୍ରୋଞ୍ଜ



ବ୍ରହ୍ମପୁର ଅଫିସ୍,୧୮।୧୦: ବିହାରର ଗୟାଠାରେ ଚାଲିଥିବା ଜାତୀୟ ଯୁବ ଏବଂ କନିଷ୍ଠ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଭାରୋତ୍ତୋଳକମାନେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରୁଛନ୍ତି। ଶୁକ୍ରବାର ଓଡ଼ିଶାକୁ ଆଉ ଏକ ବ୍ରୋଞ୍ଜ ପଦକ ମିଳିଛି। ୬୭କିଲୋ ଓଜନ ବର୍ଗରେ ଭାଗନେଇ କୁଳଦୀପ ସାହୁ ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୦୭ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୩୧ କିଲୋ ଓଜନ ଉଠାଇ ବ୍ରୋଞ୍ଜ ପଦକ ପାଇଛନ୍ତି। ବ୍ରହ୍ମପୁରର କୁଳଦୀପଙ୍କ ଏହି ସଫଳତା ପରେ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବ୍ରହ୍ମପୁର ଅଫିସ,୧୮।୧୦:ଘରେ ଫ୍ୟାନ ସଜାଡୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିବା ଜଣେ ଯୁବକଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ବାଲୁଗାଁ ଥାନା ଅନ୍ତର୍ଗତ ଚକ୍ରଧରପୁରର ନରସିଂହ ମହାରଣା (୨୩)। ମେଡିକାଲ ଫାଣ୍ଡି ପୋଲିସ ଶୁକ୍ରବାର ମୃତଦେହ ଜବତ କରି ନଂ.୫୪୯/୧୯ରେ ଏକ ଅପମୃତ୍ୟୁ ମାମଲା ରଜୁ କରିଛି। ନରସିଂହ ଗୁରୁବାର ସନ୍ଧ୍ୟାରେ ଫ୍ୟାନ ସଜାଡୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଚିତ୍କାର ଶୁଣି ତାଙ୍କ ବାପା ପହଞ୍ଚିଯାଇ ଏକ କାଠ ସାହାଯ୍ୟରେ ତାରଟିକୁ ଅଲଗା କରିଥିଲେ। ଗୁରୁତର ଅବସ୍ଥାରେ ରାତି ପ୍ରାୟ ୧୦ଟାରେ ନରସିଂହଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ଅଣାଯାଇଥିଲେ ମଧ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ବିଜୁ ଯୁବବାହିନୀର ସଡ଼କ ସୁରକ୍ଷା ସଚେତନତା

ବ୍ରହ୍ମପୁର ଅଫିସ,୧୮।୧୦
ସହରରେ ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ଏଥିରେ ସାମିଲ ହୋଇଛି ବିଜୁ ଯୁବ ବାହିନୀ। ଶୁକ୍ରବାର କମାପଲ୍ଲୀଠାରେ ବିଜୁ ଯୁବ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବବାହିନୀର କର୍ମକର୍ତ୍ତାମାନେ ସଚେତନତା ଶୋଭାଯାତ୍ରା କରିଥିଲେ। ଏଥିସହ ହେଲମେଟ ପିନ୍ଧି ବାଇକ୍ ଚଳାଇବା ଓ ସିଟ ବେଲ୍ଟ ବାନ୍ଧି କାର ଚଳାଇବାକୁ ଲୋକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ୩୪ ନଂ. ୱାର୍ଡ ବିଜୁ ଯୁବ ବାହିନୀ ସଭାପତି ମେରୀ ସିଲ ଜୋସେଫ ପରିଚାଳନା କରିଥିଲେ। ସଂଯୋଜକ ଜେ. ଚନ୍ଦ୍ରଶେଖର, ସମାଜିକ କାର୍ଯ୍ୟକ୍ରମ ଅଫିସର ହିମାନି ଦାସ, ୱାର୍ଡ ସଂଯୋଜକ ମଧୁସୂଦନ ପାଢ଼ୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପରେ ଗୋଷାଣୀନୂଆଗାଁସ୍ଥିତ କେସି ବାଳକ ହାଇସ୍କୁଲ ପରିସରରେ ସଡକ ସୁରକ୍ଷା ନେଇ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ଏଥିରେ ନବମ ଓ ଦଶମ ଶ୍ରେଣୀ ଛାତ୍ରମାନେ ଭାଗ ନେଇଥିଲେ। ପ୍ରଧାନଶିକ୍ଷକ ଏ. ଶିବକୁମାର ବର୍ମାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସୁରପ୍ରିୟା ପଣ୍ଡା, ଶୁଭଶ୍ରୀ ପାଣି, ଡ. ରାମଶଙ୍କର ଦାଶ ବିଚାରକ ଭାବେ ଯୋଗଦେଇଥିଲେ। ବକ୍ତୃତାରେ ଶୁଭମ ବିଶୋଇ ପ୍ରଥମ, ଆଲୋକ କୁମାର ନାହାକ ଦ୍ୱିତୀୟ ଓ ଅନୀଲ କୁମାର ଗୌଡ଼ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପ୍ରତିଯୋଗିତାରେ କ୍ରୀଡା ଓ ସଂସ୍କୃତି ବିଭାଗ ଅଧିକାରୀ ଅବିନାଶ ପାଣ୍ଡେ, ୱାର୍ଡ ସଂଯୋଜକ ଶକୁନ୍ତଳା ମନ୍ତ୍ରୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଆର୍ଥିକ ମାନ୍ଦାବସ୍ଥା ପ୍ରତିବାଦରେ ସିପିଏମ୍‌ର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୧୮।୧୦



ବିକ୍ଷୋଭ ସମାବେଶରେ ରାଜ୍ୟ ସିପିଏମ ସମ୍ପାଦକ ଓ ଅନ୍ୟ ବାମପନ୍ଥୀ ନେତା।

ସିପିଏମ ପକ୍ଷରୁ ଶୁକ୍ରବାର ବ୍ରହ୍ମପୁର ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ସମାବେଶ କରାଯାଇଥିଲା। ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର ଶାସନରେ ଦେଶର ଆର୍ଥିକ ସ୍ଥିତି ବିପର୍ଯ୍ୟସ୍ତ ହୋଇପଡଥିବାରୁ ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। ଏହା ପ୍ରତିବାଦରେ ମିଳିତ ବାମପନ୍ଥୀ ଦଳ ଆହ୍ୱାନରେ ବିକ୍ଷୋଭ ସମାବେଶ ହୋଇଥିଲା। ଶତାଧିକ କର୍ମୀ ଲାଲ ପତାକା ଧରି ଏଥିରେ ସାମିଲ ହୋଇଥିଲେ। ମାନ୍ଦାବସ୍ଥା ଦୂର କରି ପୂର୍ବ ସ୍ଥିତି ଆଣିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ରାଜ୍ୟ ସିପିଏମ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏଥିରେ ଯୋଗଦେଇ ମୋଦି ସରାକରଙ୍କ ଦେବାଳିଆ ଆର୍ଥିକ ନୀତିର କଡ଼ା ସମାଲୋଚନା କରିଥିଲେ। ବିମୁଦ୍ରୀକରଣ, ଜନ ବିରୋଧୀ ଜିଏସଟି ଲାଗୁ ଯୋଗୁଁ ଆର୍ଥିକ ମାନ୍ଦାବସ୍ଥା ଉପୁଜିଛି ଓ ଏହା ଫଳରେ ଦେଶ ସଂକଟ ମଧ୍ୟରେ ଗତି କରୁଥିବା ସେ ଅଭିଯୋଗ କରିଥିଲେ। ସରକାରଙ୍କ ପୁଞ୍ଜିପତି ତୁଷ୍ଟିକରଣ ନୀତି ଦ୍ୱାରା ବେକାରୀ ସମସ୍ୟା ବଢ଼ି ଚାଲିଥିବା ଦର୍ଶାଇ ଏହାର ପ୍ରତିରୋଧ ନିମନ୍ତେ ବାମପନ୍ଥୀ ଦଳ ଚଳାଇଥିବା ଆନ୍ଦୋଳନରେ ଜନସାଧାରଣ ସାମିଲ ହେବାକୁ ସିପିଏମ ନେତା ଆହ୍ୱାନ

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଦେଇଥିଲେ। ସେହିପରି ସିଟୁ ଜେନା ତଥା ବ୍ରହ୍ମପୁର ଆଞ୍ଚଳିକ କମିଟି ସମ୍ପାଦକ ଯୁଧିଷ୍ଠିର ବେହେରାଙ୍କ ସମେତ ବସନ୍ତ ନନ୍ଦ, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଅଶୋକ ଦାସ, ବାବୁଲା ନାୟକ, ଗୋପାଳ ପାଣିଗ୍ରାହୀ ଓ ହରି ନାୟକ ପ୍ରମୁଖ ଉଦବୋଧନ ଦେଇଥିଲେ। ବାମପନ୍ଥୀ ନେତାମାନେ ଏହି ପରିପ୍ରେକ୍ଷୀରେ ମହାନଗର ସମସ୍ୟା ଉପସ୍ଥାପନ କରିଥିଲେ। ବ୍ରହ୍ମପୁରରେ ଆରଟିଓ ଅଫିସ ଖୋଲାଯିବା, ବଡ଼ ମେଡିକାଲରେ ନିଅଣ୍ଟିଆ ଔଷଧ ସମସ୍ୟାର ସମାଧାନ, ଆଙ୍କୁଲି ଓଭରବ୍ରିଜ ନିର୍ମାଣ ଅବିଳମ୍ବେ ସମ୍ପୂର୍ଣ୍ଣ କରାଯିବା, ଟଙ୍କିକିଆ ଚାଉଳ ଯୋଗାଣରେ ଆଧାର ଲିଙ୍କ ବନ୍ଦ କରାଯିବାକୁ ଦାବି କରିଥିଲେ।

# ବିପଦ ସାଜିଛି ମୁକୁଳା ଟ୍ରାନ୍ସଫର୍ମର

ବ୍ରହ୍ମପୁର ଅଫିସ,୧୮।୧୦



ସାଉଥକୋର ମନମୁଖୀ ନୀତି ଯୋଗୁ ବ୍ରହ୍ମପୁର ସହରର କେଉଁଠି ରାସ୍ତା ଉପରକୁ ତାର ଝୁଲି ରହିଛି ତ ଆଉ କେଉଁଠି ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏପରିକି ବିଦ୍ୟୁତ ସରଞ୍ଜାମ ରକ୍ଷଣାବେକ୍ଷଣରେ ମଧ କମ୍ପାନୀ ଅବହେଳା କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରେମନଗର ଅଞ୍ଚଳରେ ଥିବା କେତୋଟି ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ଉକ୍ତ ରାସ୍ତା ଦେଇ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଯାତାୟତ କରୁଛନ୍ତି। ଟ୍ରାନ୍ସଫର୍ମରରୁ ତାର ଓହଳି ପଡିଥିବାରୁ ଯାନବାହନ ଓ ଲୋକଙ୍କ ଚଳାଚଳ ପ୍ରତି ବିପଦ ସୃଷ୍ଟି ହୋଇଛି। ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରୁଥିଲେ ମଧ୍ୟ ସାଉଥକୋ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ସେହିପରି ଇଞ୍ଜିନିୟରିଂ ସ୍କୁଲ ଛକ, ପଣ୍ଡା କଲୋନୀ, ଲାଞ୍ଜିପଲ୍ଲୀ ଛକ, ଆମ୍ଭ ମାର୍କେଟ ଛକ ଆଦିରେ ଟ୍ରାନ୍ସଫର୍ମରଗୁଡିକ ମୁକୁଳା ହୋଇପଡିଛି। ଯଦ୍ୱାରା ଗୋରୁ, ମଇଁଷି, ଛେଳି ଭିତରକୁ ପସିଯାଉଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବାର ନଜିର ରହିଛି। ଏ ଦିଗରେ ବିଭାଗୀୟ ଅଧିକାରୀ ଦେବାକୁ ସାଧାରଣରେ ଦାବି ହେଉଛି। କେତେକ ଟ୍ରାନ୍ସଫର୍ମର ମୁକୁଳା ଥିବା ସାଉଥକୋର ବିଇଡ଼ି ୨ ନିର୍ବାହୀ ଅଧିକାରୀ ଅମ୍ବିକାନାଥ ପାତ୍ର ସ୍ୱୀକାର କରିଛନ୍ତି। ସେଗୁଡିକୁ ଚିହ୍ନଟ କରାଯାଇଛି। ଖୁବଶୀଘ୍ର ଉକ୍ତ ଟ୍ରାନ୍ସଫର୍ମର ଚାରିପଟେ ପାଚେରୀ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ କର୍ମଶାଳା




କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବ୍ରହ୍ମପୁର ଅଫିସ୍,୧୮।୧୦

ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟରେଠାରେ ରାଜ୍ୟସ୍ତରୀୟ ୭ଦିନିଆ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। 'ଫାକୁଲଟି ଡେଭଲପମେଣ୍ଟ ପ୍ରୋଗ୍ରାମ ଅନ ଡାଟା ଆନାଲିସିସ ଇନ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ସାଇନ୍ସ ରିସର୍ଚ୍ଚ' ଶୀର୍ଷକ ଏହି କର୍ମଶାଳାକୁ ବ୍ରହ୍ମପୁର ଆଇଜରର ନିର୍ଦ୍ଦେଶକ ପ୍ରଫେସର କେ.ଭି. ଆର ଚାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ତଥା ବରିଷ୍ଠ ଶଲ୍ୟ ବିଶେଷଜ୍ଞ ଡା. ଏନ.ସି ପାଢୀ, ସିଣ୍ଡିକେଟ ସଦସ୍ୟ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଏନ.ସି ସାହୁ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ଡିନ୍ ତଥା ଅଧକ୍ଷ ପ୍ରଫେସର ଡା.ରାଧାମାଧବ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର କିଶୋରଚନ୍ଦ୍ର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ ବିଶ୍ୱବିଦ୍ୟାଳୟ ବିଷୟରେ ସୂଚନା ଦେଇଥିଲେ। ଅଧାପକ ଡ. ଏସ.ପି ସାହୁ ଅତିଥି ପରିଚୟ ଦେଇଥିଲେ। କର୍ମଶାଳାର ସଂଯୋଜକ ଡ. ମନୋଜ କୁମାର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସଂଯୋଜକ ଡ. ମନୋରଞ୍ଜନ ମିଶ୍ର ଏହାର ଆବଶ୍ୟକତା ସମ୍ପର୍କରେ କହିଥିଲେ। କର୍ମଶାଳାରେ ବ୍ରହ୍ମପୁର ସହର ସମେତ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସହ ଅନ୍ୟାନ୍ୟ ମହାବିଦ୍ୟାଳୟରୁ ୧୫ ଅଧାପକ ଓ ୧୭ ଜଣ ରିସର୍ଚ୍ଚ ସ୍କଲାର ଯୋଗ ଦେଇଛନ୍ତି। ଅଧିବେଶନଗୁଡ଼ିକରେ ଗବେଷଣା ଏବଂ ତଦ୍‌ଜନିତ ଉପୁଜୁଥିବା ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇ ସମାଧାନର ରାସ୍ତା ବାହାର କରାଯିବ।

# ବ୍ରହ୍ମପୁରରେ ୱାର୍ଡସ୍ତରୀୟ ବିଜେଡି ଜନସମ୍ପର୍କ ପଦଯାତ୍ରା

ବ୍ରହ୍ମପୁର ଅଫିସ,୧୮।୧୦

ବ୍ରହ୍ମପୁରରେ ଶନିବାରଠାରୁ ଆରମ୍ଭ ହେବ ବିଜେଡିର ୱାର୍ଡସ୍ତରରେ ଜନ ସମ୍ପର୍କ ପଦଯାତ୍ରା। ଏହି ଅବସରରେ ନୂଆ ସଭ୍ୟ ସଂଗ୍ରହ ଅଭିଯାନ ଚାଲିବ। ମହାନଗରରେ ଥିବା ସମୁଦାୟ ୪୦ ୱାର୍ଡକୁ ନେଇ ୮ ଜୋନ କରାଯାଇଛି। ପ୍ରତିଦିନ ୫ ଲେଖାଏ ୱାର୍ଡରେ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରାଯିବାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ ଗୁରୁବାର ଏହି ସୂଚନା ଦେଇଛନ୍ତି। ଦଳ ପୂର୍ବତନ କର୍ପୋରେଟର, ନେତା ଓ କର୍ମୀମାନେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଥମ ଦିନ ୧ ଓ ୨ ଏବଂ ୯, ୧୦ ଓ ୧୧ନଂ. ୱାର୍ଡରେ ପଦଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଗାନ୍ଧୀ ଜୟନ୍ତୀରୁ ଅକ୍ଟୋବର ୧୧ ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ କର୍ମୀଙ୍କ ପଦଯାତ୍ରା ମାଧମରେ ସମ୍ପର୍କ ସ୍ଥାପନ ଏବଂ ନୂତନ ସଦସ୍ୟ ସଂଗ୍ରହ ପାଇଁ ରାଜ୍ୟ ବିଜେଡିର ନିର୍ଦ୍ଦେଶ ଥିଲା। ଅକ୍ଟୋବର ୨ରେ ଦିନକ ପାଇଁ ଖୋଡ଼ାସିଙ୍ଗିରୁ ହିଲପାଟଣା ପର୍ଯ୍ୟନ୍ତ ପଦଯାତ୍ରା କରାଯାଇ ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମକୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବଢ଼ାଇବାକୁ ରାଜ୍ୟ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଥିଲା। ତେଣୁ ୧୯ ତାରିଖରୁ ପୁଣି ଆରମ୍ଭ କରାଯିବାର ନିଷ୍ପତ୍ତି ନିଆଯାଇଛି।

# ଶଶିଭୂଷଣ ରଥ ମହିଳା କଲେଜରେ ଆର୍‌ଟିଓ କ୍ୟାମ୍ପ ଅଫିସ୍

ବ୍ରହ୍ମପୁର ଅଫିସ୍,୧୮।୧୦

ଶଶିଭୂଷଣ ରଥ ସରକାରୀ ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟ ପରିସରରେ ଶୁକ୍ରବାରଠାରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)ର କ୍ୟାମ୍ପ ଅଫିସ୍ ଆରମ୍ଭ ହୋଇଛି। ଏମ୍‌ଭିଆଇ ଅକ୍ଷୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟାଳୟରେ ପ୍ରଦୂଷଣ ଯାଞ୍ଚ ପ୍ରମାଣପତ୍ର, ବୀମା, ଲର୍ଣ୍ଣିଂ ଲାଇସେନ୍ସ ଆଦି ସୁବିଧା ମିଳିବ। ୩ ଦିନ ପର୍ଯ୍ୟନ୍ତ ଏହି କ୍ୟାମ୍ପ ଅଫିସ୍ ଚାଲିବାକୁ ଥିବା ବେଳେ ପ୍ରଥମ ଦୁଇ ଦିନ କେବଳ କଲେଜ ଛାତ୍ରୀମାନେ ସୁବିଧା ପାଇପାରିବେ। ଶେଷ ଦିନରେ ଜନସାଧାରଣଙ୍କ ପାଇଁ ସେବା ଉପଲବ୍ଧ ରହିବ। ନୂତନ ଟ୍ରାଫିକ ନିୟମ ଯୋଗୁ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଜରିମାନା ମଧ୍ୟ ଆଦାୟ କରାଯାଉଛି। ଏହାକୁ ନେଇ ଗାଡ଼ିଚାଳକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ସୁବିଧାରେ ଯାନ ଚାଳକଙ୍କୁ ବିଭିନ୍ନ ପ୍ରକାର ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଆର୍‌ଟିଓ ସଂପର୍କିତ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି କ୍ୟାମ୍ପ ଅଫିସ୍ କାର୍ଯ୍ୟକାରୀ କରାଯାଇଛି। ଗତ ମାସରେ ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଏଭଳି କ୍ୟାମ୍ପ ଅଫିସ୍ ହୋଇଥିଲା।



ଜଣେ ଯୁବତୀଙ୍କ ଲର୍ଣ୍ଣିଂ ଲାଇସେନ୍ସ କରାଯାଉଛି।

# ଦୁର୍ଘଟଣାରେ ଆହତ ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୮।୧୦

ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣେ ମହିଳାଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଲେଙ୍କା ଭାନୁ (୪୫)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୫୫୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗତ ୨୫ ତାରିଖ ସକାଳେ ଲେଙ୍କା ତାଙ୍କ ଭାଇ ଜି. ଶଙ୍କର ରେଡ୍ଡୀଙ୍କ ସହ ବାଇକରେ କୋଳିଗାଁ ଯାଉଥିଲେ। ପାରସମ୍ବା ଛକ ନିକଟରେ ଶଙ୍କରଙ୍କ ବାଇକକୁ ପଛପଟୁ ଏକ ଗାଡି ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ବାଇକରୁ ଛିଟିକି ଲେଙ୍କା ତଳେ ପଡିଯାଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ପ୍ରଥମେ ଇଚ୍ଛାପୁରମ ହସ୍ପିଟାଲ ପରେ ବିଶାଖାପାଟାଣମର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତଥାପି ସେ ସୁସ୍ଥ ନ ହେବାରୁ ଗତ ୯ ତାରିଖରେ ଲେଙ୍କାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଅଣାଯାଇଥିଲା।

# ପ୍ରଦୂଷଣମୁକ୍ତ ହେଉ ଦୀପାବଳି

ବ୍ରହ୍ମପୁର ଅଫିସ,୧୮।୧୦

ପ୍ରଦୂଷଣମୁକ୍ତ ଦିପାବଳୀ ପାଳନ ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଲକ୍ଷ୍ୟ ରଖାଯାଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଏ ନେଇ ସଚେତନ କରିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀଙ୍କୁ ଅନୁରୋଧପତ୍ର ପ୍ରଦାନ କରାଯାଇଛି। ଅତ୍ୟଧିକ ଶବ୍ଦ ଓ ପ୍ରଦୂଷଣକାରୀ ବାଣ ଫୁଟାଯିବା ଦ୍ୱାରା ଅକାଳରେ ପଶୁପକ୍ଷୀଙ୍କ ଜୀବନ ଯାଉଛି। ସେମାନଙ୍କ ସୁରକ୍ଷା ଆମ ହାତରେ। ତେଣୁ ଅତ୍ୟଧିକ ଶବ୍ଦ ଓ ପ୍ରଦୂଷଣକାରୀ ବାଣ ନ ଫୁଟାଇବା ପାଇଁ ଶପଥ ନେବା, ମାଟି ଦୀପ ଜାଳି ପର୍ଯ୍ୟାବରଣ ରକ୍ଷା କରିବାକୁ ସମସ୍ତେ ଆଗେଇ ଆସିବା ଆବଶ୍ୟକ ହୋଇପଡିଛି। ବିଦ୍ୟାଳୟସ୍ତରରେ ଏ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରାଯାଇଛି। ପରିଷଦର ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ ଓ ସଦସ୍ୟ ସିଲୁ ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ଅହିଂସା-ଶାନ୍ତି-ସଂହତି ପଦଯାତ୍ରାକୁ ସ୍ୱାଗତ

ବ୍ରହ୍ମପୁର ଅଫିସ,୧୮।୧୦

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ରାଜୀବ ଗାନ୍ଧୀ ଫାଉଣ୍ଡେଶନ ପକ୍ଷରୁ ଅହିଂସା-ଶାନ୍ତି-ସଂହତି ସଦଭାବନା ପଦଯାତ୍ରା ଚାଲିଛି। ଗତ ୧୧ ତାରିଖରୁ ମାଲକାନଗିରି ଜିଲାର ମାଥିଲରୁ ବାହାରିଥିବା ଏହି ପଦଯାତ୍ରା ଶୁକ୍ରବାର ବ୍ରହ୍ମପୁରରେ ପହଞ୍ଚିଥିଲା। ଗେଟବଜାର ଏନଜିଓ ହଲଠାରେ ସାମାଜିକ ଅନୁଷ୍ଠାନ ଫୋରମ ଫର ଗଞ୍ଜାମ ପକ୍ଷରୁ ଉକ୍ତ ପଦଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଏନଜିଓ ହଲ ପରିସରରେ ଫୋରମ ଫର ଗଞ୍ଜାମର ସଂଯୋଜକ ସୁଧୀର ରାଉତଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପଦଯାତ୍ରା ସହ ଆସିଥିବା ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାଶ, ଯୁବା ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଡା. ବିଶ୍ୱଜିତ ମଞ୍ଚାସୀନ ଥିଲେ । ଗାନ୍ଧୀଙ୍କ ଶାନ୍ତି ଅହିଂସା ବାର୍ତ୍ତା ସମ୍ପର୍କରେ ବୈଠକରେ ଅତିଥିମାନେ ଆଲୋକପାତ କରିଥିଲେ । ଏହି ପଦଯାତ୍ରା ଆସନ୍ତା ୨୬ ତାରିଖରେ ଯାଜପୁରର ବାଲିପଡିଆଠାରେ ଶେଷ ହେବ ବୋଲି ସୂଚନା ଦିଆଯାଇଥିଲା । ଏହି ପରିପ୍ରେକ୍ଷରେ ପଦଯାତ୍ରୀମାନେ 'ଗୋଟିଏ ଅଚିହ୍ନା ଶବ' ନାଟକ ପରିବେଷଣ କରିଥିଲେ । ରଣଜିତ ଦେହୁରୀ, ମାନସ ପଟ୍ଟନାୟକ, ସୋନାଲି ମିଶ୍ର, ଶୁଭଶ୍ରୀ ଦୀପ, ପ୍ରଦ୍ୟୁମ୍ନ ସାହୁ, ଫୁଲଲତା ସେଠୀ, ମହାନସଂଘର ସଭାପତି ସୁଶାନ୍ତ ସାବତ, ସବିତା ସାହୁକାର, ଅଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।




ବୈଠକରେ ଉପସ୍ଥିତ ଅତିଥିମାନେ।

## ଆନ୍ତଃ ମହାବିଦ୍ୟାଳୟ ବ୍ୟାଡମିଣ୍ଟନ, ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଡୁରା, ଇମ୍ପେରିଆଲ, ରାୟଗଡ଼ା ମହିଳା କଲେଜ ବିଜେତା

ବ୍ରହ୍ମପୁର ଅଫିସ,୧୮।୧୦




ମହିଳା ବ୍ୟାଡମିଣ୍ଟନରେ ବିଜେତା ରାୟଗଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଚାଲିଥିବା ୫୦ତମ ଆନ୍ତଃମହାବିଦ୍ୟାଳୟ ମହିଳା ଓ ପୁରୁଷ ବ୍ୟାଡମିଣ୍ଟନ ଏବଂ ୫୧ତମ ଆନ୍ତଃ ମହାବିଦ୍ୟାଳୟ ପୁରୁଷ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଉଦଯାପନୀରେ ବାସ୍କେଟବଲ ପୁରୁଷ ବିଭାଗରେ ଡୁରା ଆର ଏନ୍ କଲେଜ ଓ ସିଟି କଲେଜ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା । ଏଥିରେ ଡୁରା ଆର୍‌ଏନ କଲେଜ ୬୮-୬୫ ପଏଣ୍ଟରେ ସିଟି କଲେଜକୁ ହରାଇ ବିଜେତା ହୋଇଥିଲା । ସେହିପରି ପୁରୁଷ ବ୍ୟାଡମିଣ୍ଟନରେ ଇମ୍ପେରିଆଲ କଲେଜ ଓ କେଏସୟୁବି କଲେଜ ଭଞ୍ଜନଗର ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଇମ୍ପେରିଆଲ କଲେଜ ୩-୦ ସେଟରେ କେଏସୟୁବି ଭଞ୍ଜନଗର କଲେଜକୁ ହରାଇ ବିଜେତା ହୋଇଥିଲା। ସେହିପରି ମହିଳା ବ୍ୟାଡମିଣ୍ଟନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ବିଭାଗ ଓ ରାୟଗଡା ମହିଳା ମହାବିଦ୍ୟାଳୟ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା । ଏଥିରେ ରାୟଗଡା ମହିଳା ମହାବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗକୁ ୨-୦ରେ ସେଟରେ ହରାଇ ବିଜେତା ହୋଇଥିଲା। ବାସ୍କେଟବଲର ଉଦଯାପନୀ କାର୍ଯ୍ୟକ୍ରମରେ କ୍ରୀଡା ପରିଷଦର ସମ୍ପାଦିକା ପ୍ରଫେସର ପୁଷ୍ପାଞ୍ଜଳି ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ସାହୁ, ଶରତ ମହାପାତ୍ର, ଉପେନ୍ଦ୍ର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ବ୍ୟାଡମିଣ୍ଟନ ଉଦଯାପନୀରେ ଅତିଥି ଭାବେ ଦେବୀ ମିଶ୍ର, ସୁବାସ ଚନ୍ଦ୍ର ପରିଡା, ପ୍ରଫେସର ଦେବୀ ପ୍ରସାଦ ମିଶ୍ର, ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଶ୍ୱବିଦ୍ୟାଳୟ ସ୍ୱତ୍ତ୍ୱ ଅଫିସର ରବି ଚରଣ ମିଶ୍ର, କୋଚ ରାଜେଶ ମହାନ୍ତି ସମେତ କ୍ରୀଡା ପରିଷଦର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଜାତୀୟ କୃଷି ବଜାର ପ୍ରଶିକ୍ଷଣ ଶିବିର

**ଦାରିଙ୍ଗବାଡ଼ି,୧୮।୧୦(ଡି.ଏନ୍.ଏ.):** ଦାରିଙ୍ଗବାଡ଼ି ଉପବଜାର ପ୍ରାଙ୍ଗଣରେ ଟିକାବାଲି ନିୟନ୍ତ୍ରିତ ବଜାର କମିଟି ରାଇକିଆ, କନ୍ଧମାଳ ତରଫରୁ ଓ ଆଞ୍ଚଳିକ ହଳଦୀଚାଷୀ ମହାସଂଘ ସହଯୋଗରେ ଦାରିଙ୍ଗବାଡ଼ି ସମେତ ଅନ୍ୟାନ୍ୟ ବ୍ଲକର ହଳଦୀଚାଷୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ହଳଦୀଚାଷୀମାନେ କେମିତି ଉନ୍ନତ କିସମର ଚାଷ କରିବେ, ଆଧୁନିକ ପ୍ରଣାଳୀ ବ୍ୟବହାର କରିବା, ଅଧିକରୁ ଅଧିକ ହଳଦୀଚାଷ କରିବେ ଏବଂ ହଳଦୀ କିଲୋ ପ୍ରତି ୧୦୦ରୁ ୧୨୦ କରାଯିବା ଏବଂ ଆଞ୍ଚଳିକ ହଳଦୀଚାଷୀ ମହାସଂଘ ଜରିଆରେ କସମ୍‌ରେ ନାମ ପଞ୍ଜୀକରଣ କରିବେ, ହଳଦୀକୁ ଜିଆଇ ମାନ୍ୟତା ପ୍ରଦାନ କରାଯିବା ନେଇ ଆଲୋଚନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଶିବିରରେ ପ୍ରତ୍ୟେକ ପଞ୍ଚାୟତରୁ ୨ରୁ ୩ଜଣ ଚାଷୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ରାଜେନ୍ଦ୍ର କୁମାର ରଣଜିତ, ଉପଜିଲାପାଳ ବାଲିଗୁଡ଼ା ସମ୍ମାନିତ ଅତିଥି ତହସିଲଦାର, ବାଲିଗୁଡ଼ା, ରାଜ୍ୟ ସଂଯୋଜିକା ପ୍ରଶନଜିତ୍ ଶାହା, ଉପାଧକ୍ଷ ପଦ୍ମଚରଣ ପଣ୍ଡା, ସମ୍ପାଦକ ସୁରେଶ ବେହେରା, ନିୟନ୍ତ୍ରିତ ବଜାର କମିଟି ଟିକାବାଲି, ବ୍ୟବସାୟୀ ପ୍ରତିନିଧି ଅଜିତ କୁମାର ସାହୁ, ଆଞ୍ଚଳିକ ହଳଦୀଚାଷୀ ମହାସଂଘ ସମ୍ପାଦକ ବୁଲୁ ଡ଼ିଗଲ, ସଭାପତି ଶୋଭରାଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ଜୀବନ କୌଶଳ ଶିକ୍ଷା ତାଲିମ ଶିବିର

**ଫିରିଙ୍ଗିଆ,୧୮।୧୦:** ଫିରିଙ୍ଗିଆ ବ୍ଲକ ଲୁଇସିଂ ଓ ବାଲନ୍ଦାପଡ଼ା ପଞ୍ଚାୟତରେ କିଶୋରୀ ବାଳିକାମାନଙ୍କ ନିମନ୍ତେ ଦୁଇ ଦିନିଆ ଜୀବନ କୌଶଳ ସମ୍ପର୍କୀତ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମଞ୍ଜୁଳା ପ୍ରଧାନ ଓ ମିଶନ ଶକ୍ତି ସଂଯୋଜକ ଯୋଗଦେଇ କିଶୋରୀ ବାଳିକାମାନଙ୍କ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରରେ ମିଳୁଥିବା ସେବା ବିଷୟରେ ଅବଗତ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ସଂଯୋଜକ ବିଶ୍ୱରଞ୍ଜନ କର ଓ ପ୍ରଦୀପ କୁମାର ସ୍ୱାଇଁ କିଶୋରୀ ମାନଙ୍କ ଜୀବନ କୌଶଳ ଶିକ୍ଷା ବିଷୟରେ ତାଲିମ୍ ପ୍ରଦାନ କରିଥିଲେ। କିଶୋରମାନଙ୍କର ବିଭିନ୍ନ ଅବସ୍ଥା ସମୟରେ ହେଉଥିବା ପରିବର୍ତ୍ତନ, ସେ ସମୟରେ ଘଟୁଥିବା ଘଟଣାବଳୀ ଗୁଡ଼ିକୁ କିପରି ଗୁରୁତ୍ୱର ସହ ଚିନ୍ତା କରି ଠିକ୍ ନିଷ୍ପତି ନେଇପାରିବେ ତାର ଉପାୟ କିଶୋରୀମାନଙ୍କୁ ଜଣାଇଥିଲେ। ତାଲିମଦାତା ଅଶୋକ କୁମାର ତ୍ରିପାଠୀ ଏହି ବୟସରେ ମନ ଭିତରେ ଆସୁଥିବା ଦୁଃଖ, ରାଗ, ଭୟ ଓ ଖୁସିକୁ କିପରି ପରିବ୍ୟକ୍ତ କରି ସାମ୍ନା କରିବେ ତାହା ଉପରେ ଶିକ୍ଷା ଦେଇଥିଲେ। ସ୍ୱାତୀ ସମ୍ପାଦକ ଇଂ. ହରିଶଙ୍କର ରାଉତ ତାଲିମ୍‌ର ପ୍ରଥମ ଦିବସରେ ଯୋଗ ଦେଇଥିଲେ।

### ସଡ଼କ ସୁରକ୍ଷା ସଚେତନତା

**ଶଙ୍କରାଖୋଲ, ୧୮।୧୦ (ଡି.ଏନ୍.ଏ.):** ଟିକାବାଲିଠାରେ ଟିକାବାଲି ପୋଲିସ ଓ ବିଜୁ ଯୁବବାହିନୀ ମିଳିତ ସହଯୋଗରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଟିକାବାଲି ପୋଲିସ ଓ ବିଜୁ ଯୁବବାହିନୀରେ ସଦସ୍ୟ ପ୍ଲାକାର୍ଡ ଧରି ସଡକ ସୁରକ୍ଷା ସ୍ଲୋଗାନ ଦେଇଥିଲେ। ଟିକାବାଲି ଥାନାଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ତେଙ୍ଗେଡା ପଥର ଛକ ନିକଟରେ ଜନସାଧାରଣଙ୍କୁ ସଚେତନତା ପ୍ରଚାରପତ୍ର ବାଣ୍ଟିଥିଲେ। ଟିକାବାଲି ଥାନାଧିକାରୀ ରେବତୀ ଶବର, ଏଏସ୍ଆଇ. ଲଡୁକିଶୋର ତ୍ରିପାଠୀ, ବିଜୁ ଯୁବବାହିନୀର ସମ୍ପାଦକ ବୁଲୁ ଦିଗାଳ, ବ୍ଲକ ସଂଯୋଜକ ସୁରଜ ଦିଗାଳ, ସଭାପତି ସୁମନ୍ତ କହଁର ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ଲାଷ୍ଟିକ ବର୍ଜନ, ସ୍ୱଚ୍ଛତା ଅଭିଯାନ

ଫିରିଙ୍ଗିଆ, ୧୮।୧୦
ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ କୁଟିବାରୀ ଗ୍ରାମରେ ମହିଳା ସ୍ୱୟଂ ସହାୟିକା ସଦସ୍ୟମାନେ ରାସ୍ତା ସଫେଇ କରିଛନ୍ତି। କାର୍ଯ୍ୟକ୍ରମରେ ୱାର୍ଡମେମ୍ବର ଜ୍ୟୋସ୍ନାମୟୀ ସେଠୀ, ଆଶାକର୍ମୀ, ନିରୁପମା ଦେହୁରୀ ଉପସ୍ଥିତ ରହି ଗ୍ରାମ ଲୋକଙ୍କୁ ପ୍ଲାଷ୍ଟିକ ବର୍ଜନ ଉପରେ ସଚେତନ କରିବାସହ ପରିବେଶ ସଫା ରଖିବାକୁ ପରାମର୍ଶ ଦେଇଥିଲେ। ୭ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି, ସମ୍ପାଦିକା ଯଥା ସୁବାସିନି ପ୍ରଧାନ, ମିନତୀ ପ୍ରଧାନ, ତପସ୍ୱିନୀ ପ୍ରଧାନ, ଚିନ୍ମୟୀ ଡାଙ୍ଗ, ଚଞ୍ଚଳା ପ୍ରଧାନ, ମମତା ପ୍ରଧାନ, ଉଷାବତୀ ପ୍ରଧାନ, ହୀରା ବେହେରା, ମମତା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# କନ୍ଧମାଳରେ କେନ୍ଦ୍ରୀୟ ମେଡିକାଲ ଟିମ୍

## ପ୍ରଥମ ଦିନରେ ଗୋଛାପଡା ବୁଲି ଦେଖିଲେ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ,୧୮।୧୦**

କନ୍ଧମାଳ ଜିଲା ଗସ୍ତରେ କେନ୍ଦ୍ରର ଏକ ୮ ଜଣିଆ ଟିମ୍ ଆସି ଶୁକ୍ରବାର ପହଞ୍ଚିଛନ୍ତି। ଏହି ଟିମ୍ ୪ ଦିନଧରି ଜିଲାର ବାଲିଗୁଡ଼ା, ତୁମୁଡ଼ିବନ୍ଧ, ବାରଖମା, ଟିକାବାଲି, ଜି.ଉଦୟଗିରି, ଗୋଛାପଡ଼ା, ଦାରିଙ୍ଗବାଡ଼ି ଓ ସିମନବାଡ଼ି ଆଦି ଅଞ୍ଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ଏହି ଟିମ୍ ଫିରିଙ୍ଗିଆ ବ୍ଲକ ଗୋଛାପଡା କ୍ଷେତ୍ର ପରିଦର୍ଶନ କରିଛନ୍ତି। ଗୋଛାପଡା ମେଡିକାଲ, ଲୋହରାସାହି ଅଙ୍ଗନୱାଡି କେନ୍ଦ୍ର, ଖଜୁରିଗାଁରେ ଥିବା ଛତୁଆ ଉତ୍ପାଦନ କେନ୍ଦ୍ର ଆଦି ବୁଲି ଦେଖିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆନୁସଙ୍ଗିକ ବ୍ୟବସ୍ଥା, ରୋଗୀଙ୍କୁ ଚିକିତ୍ସା ସେବା କିପରି ଯୋଗାଇ ଦିଆଯାଉଛି ତାହାର ତର୍ଜମା କରିଥିଲେ। ଏଥିସହ ଜାତୀୟ ଯୋଜନାର ଅଗ୍ରଗତି ଉପରେ ମଧ୍ୟ ପଚାରି ବୁଝିଥିଲେ।


ଗୋଛାପଡା ସିଏଚ୍‌ସିରେ କେନ୍ଦ୍ରୀୟ ଟିମ୍।

ପ୍ରଥମେ ଏହି ଟିମ ଫୁଲବାଣୀରେ ପହଞ୍ଚି ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ଏକ ବୈଠକରେ ଯୋଗ ଦେଇଥିଲେ। ଜିଲାପାଳ ଡ଼ା. ବୃନ୍ଦା ଡ଼ି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସମୀର କୁମାର ଦାସ, ଏଡ଼ିଏମ୍ଓ ମନୋରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ କେନ୍ଦ୍ରୀୟ ଟିମ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲାପାଳ ଏହି ଅବସରର ଆମେ ଚଳିତ ବର୍ଷ ଆନୁଷ୍ଠାନିକ ପ୍ରସବ ଉପରେ ବିଶେଷ ଧ୍ୟାନ ଦେଇ ସଫଳତା ପାଇଛୁ। ଏବର୍ଷ ଶିଶୁ ମୃତ୍ୟୁ ହାର ଉପରେ କାମ ଆରମ୍ଭ କରିଛୁ ବୋଲି ସୂଚନା ଦେଇଥିଲେ। କେନ୍ଦ୍ରୀୟ ଟିମ୍ ଜିଲା ମେଡ଼ିକାଲ ସ୍ଥିତି ସହ ସ୍ୱାସ୍ଥ୍ୟ ସେବା, ଡ଼ାକ୍ତର, ରୋଗୀମାନଙ୍କ ଚିକିତ୍ସା ସହିତ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକର ସ୍ଥିତି ଓ ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଜାତୀୟ ଯୋଜନାର ରୁପରେଖ ସମ୍ପର୍କରେ ମଧ୍ୟ ପଚାରିଥିଲେ। ଅନୁଷ୍ଠିତ ବୈଠକରେ ଡିପିଏମ୍ ବୁଲୁନାଥ ସାହୁ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଟିମ୍‌ରେ ଡା. ହିମାଂଶୁ ଭୁଷଣ, ଡା.ଏସ୍‌ସି ଅଗ୍ରୱାଲ, ଡା. ବୁଲୁନାଥ ମୋଟୋ, ଡା. ଅସୀମା ଭଟନାଗର, ପ୍ରୋଗ୍ରାମ ଅଫିସର ସୌରଭ ଶର୍ମା, ଡା. ୱାରିସ ମାରିୟାମ ପ୍ରମୁଖ ସାମିଲ ଅଛନ୍ତି।

# ଓଡ଼ିଆ ବିଭାଗର ପାଠଚକ୍ର


ମଞ୍ଚାସୀନ ଅତିଥିମାନେ।

**ରାଇକିଆ,୧୮।୧୦(ଡି.ଏନ୍.ଏ.)**

ରାଇକିଆସ୍ଥିତ ଜୀବନ ଜ୍ୟୋତି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ତରଫରୁ ଗୁରବାର ଫକୀର ମୋହନ ସେନାପତିଙ୍କ ପ୍ରସିଦ୍ଧ ଗଳ୍ପ ରେବତୀ ଉପରେ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଦୀପ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ନରେନ୍ଦ୍ର ଭୋଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ଶ୍ୟାମସୁନ୍ଦର ଡ଼ାଙ୍ଗୁଆ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସାଂପ୍ରତିକ ପରିସ୍ଥିତିରେ ରେବତୀ ଗଳ୍ପର ପ୍ରଭାବ ଉପରେ ପ୍ରସ୍ତୁତ ସନ୍ଦର୍ଭକୁ ବିଭାଗୀୟ ଛାତ୍ରୀ ନିରକା ପ୍ରଧାନ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଭାଗୀୟ ଛାତ୍ର ଗଜପତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ସ୍ୱାର୍ଥ ପାଇଁ ଅଣ୍ଟା ଭିଡିଲା କୁଇ ସମାଜ

## କାମ କର, ନ ହେଲେ ଛାଡି ପଳାଅ


ଆଦିବାସୀ ନେତା ଏସ୍‌ପିଙ୍କୁ ଭେଟିବାକୁ ଯାଉଛନ୍ତି।

**ଫୁଲବାଣୀ ଅଫିସ, ୧୮।୧୦**

କୁଇ ସମାଜ ସମନ୍ୱୟ ସମିତି ଜିଲା ସ୍ୱାର୍ଥ ପାଇଁ ଅଣ୍ଟା ଭିଡିଛି। ପୂର୍ବରୁ ଏହି ସମାଜ ମଧ୍ୟ ଜିଲାର ବିକାଶ ପାଇଁ ସରକାରଙ୍କ ପାଖରେ ବହୁ ଦାବି ରଖି ଆସିଛି। ଏବେ ଜିଲାସ୍ତରରେ ଅଧିକାରୀମାନେ ମନ ଇଚ୍ଛା କାମ କରୁଛନ୍ତି। ଲୋକଙ୍କ ସ୍ୱାର୍ଥକୁ ପଛରେ ପକାଇ ସରକାରୀ ଅର୍ଥ ହରିଲୁଟ୍ କରି ଚାଲିଛନ୍ତି। ଅଧିକାଂଶ ସମୟରେ ଆଦିବାସୀଙ୍କୁ ଅଣଦେଖା କରୁଛନ୍ତି। ଆଉ ଏସବୁ ବରଦାସ୍ତ କରାଯିବ ନାହିଁ। ଜିଲାର ସ୍ୱାର୍ଥ ପାଇଁ କାମ କର। ଯାହା ସମସ୍ୟା ହେଉଛି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅ। ଟଙ୍କା ନେଇ ଘଟଣାକୁ ଚାପି ଦିଅନାହିଁ। ଏପରି କଲେ ଜିଲା ଛାଡିବାକୁ ପ୍ରସ୍ତୁତ ହୁଅ ବୋଲି ଶୁକ୍ରବାର କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁର ଜିଲାସ୍ତରୀୟ ଅଧିକାରୀଙ୍କୁ ଭେଟି ଚେତାବନୀ ଦେଇଛନ୍ତି।

କୁଇ ସମାଜର କର୍ମକର୍ତ୍ତାମାନେ ଜିଲାର ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଏସ୍‌ପି, ଜିଲା ଶିକ୍ଷାଧିକାରୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକଳ୍ପ ପ୍ରଶାସକଙ୍କୁ ଭେଟି ଆଲୋଚନା କରିଛନ୍ତି। ନିକଟ ଅତୀତରେ କ.ନୂଆଗାଁ କୁଡୁତଲି ସ୍କୁଲରେ ଜଣେ ଆଦିବାସୀ ମହିଳା ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ଘଟଣାରେ ପ୍ରଧାନଶିକ୍ଷକ ଓ ଅନ୍ୟ ୨ସହକାରୀ ଶିକ୍ଷକଙ୍କ ବିରୋଧରେ ପ୍ରଶାସନ ଓ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରେ ଟାଳଟୁଳ ନୀତି ଅବଲମ୍ବନ କରିଛି। ସେହିପରି ଗୋଛାପଡା ସ୍କୁଲ ହଷ୍ଟେଲର ଛାତ୍ରୀ ଚିକିତ୍ସାଜନୀତ ଅବହେଳାରେ ମୃତ୍ୟୁ ହେବା ଘଟଣାରେ ମହିଳା ଅଧିକ୍ଷକଙ୍କୁ ନିଲମ୍ବନ କରାଗଲା। ମାତ୍ର ଅନ୍ୱେଷା ହଷ୍ଟେଲରେ ଛାତ୍ର ମୃତ୍ୟୁ ଘଟଣାରେ ଡେପୁଟେଶନରେ ଥିବା ସମ୍ପୃକ୍ତ ଅଧିକ୍ଷକଙ୍କୁ ତାଙ୍କ ମୂଳ ସ୍କୁଲକୁ ପଠାଯିବା ଘଟଣାକୁ ନେଇ କୁଇ ସମାଜ ଅସନ୍ତୁଷ୍ଟ ରହିଛି। ଏହି ଘଟଣା ଉପରେ ଆଲୋଚନା ପାଇଁ ସମିତିର ସମ୍ପାଦକ ଲମ୍ବୋଦର କହଁରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପ୍ରଥମେ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ସେହିପରି ପ୍ରତିନିଧି ଦଳ ଜିଲା ଶିକ୍ଷାଧିକାରୀଙ୍କୁ ଭେଟି କୁଡୁତୁଲି ଘଟଣାରେ ଶିକ୍ଷକଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ପ୍ରଶ୍ନ କରିଥିଲେ। ସନ୍ଧ୍ୟାରେ ସମିତିର ଏକ ବୈଠକ ବସିଥିଲା। ଯିଏ ଜିଲାର ସ୍ୱାର୍ଥ ପାଇଁ କାର୍ଯ୍ୟ ନ କରିବେ, ସେହି ଅଧିକାରୀ ଜିଲା ଛାଡି ଯାଆନ୍ତୁ, ନ ହେଲେ କୁଇ ସମାଜ ରାଜରାସ୍ତାକୁ ଓହ୍ଲାଇବ ବୋଲି ନିଷ୍ପତି ହୋଇଛି। କୁଇ ସମାଜର ପ୍ରତିନିଧିମାନେ ଆସି ଆଲୋଚନା କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଏସ୍‌ପି ପ୍ରତୀକ ସିଂ ଗଣମାଧମକୁ ସୂଚନା ଦେଇଛନ୍ତି।

# ଏସ୍‌ଏଚ୍‌ଜି ସଭ୍ୟାଙ୍କୁ ମତ୍ସ୍ୟଚାଷ ପ୍ରଶିକ୍ଷଣ

**ବାଲିଗୁଡ଼ା, ୧୮।୧୦(ଡି.ଏନ.ଏ.)**

କନ୍ଧମାଳ ମିଶନ ଶକ୍ତି ପକ୍ଷରୁ ବାଲିଗୁଡା ଆଇଟିଡିଏ ସଭାଗୃହରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନଙ୍କ ନିମନ୍ତେ ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ୨ ଦିନ ଧରି ଚାଲିଥିବା ଏହି ଶିବିରରେ ବାଲିଗୁଡା, ତୁମୁଡିବ, କ.ନୂଆଗାଁ, ରାଇକିଆ, ଟିକାବାଲି ଓ ଖଜୁରିପଡା ବ୍ଲକର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରଶିକ୍ଷଣ ଦିଆଯାଇଛି । ଜିଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲିଗୁଡା ଉପଜିଲାପାଳ ତଥା ଆଇଟିଡିଏ ପିଏ ରାଜେନ୍ଦ୍ର ରଣଜିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଜିଲାପାଳ ହଳଧର ନାୟକ, ଜିଲା ପ୍ରକଳ୍ପ ଅଧିକାରୀ, ମିଶନ ଶକ୍ତି କନ୍ଧମାଳର ସୁନୀଲ କୁମାର ମଳିକ, ଆଇଟିଡିଏର ପ୍ରକଳ୍ପ ପରିଚାଳକ ସାମିରାନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତ ପୋଖରିରେ ମାଛଚାଷ କରି ମହିଳା ଗୋଷ୍ଠୀ ନିଜ ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିବା ସହ ପରିବାରର ପ୍ରତିପୋଷଣ କରିପାରିବେ ବୋଲି ମୁଖ୍ୟ ଅତିଥି କହିଥିଲେ। ଶିବିରରେ ଉପରୋକ୍ତ ସମସ୍ତ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ଉପସ୍ଥିତ ଥିଲେ । ବାଲିଗୁଡ଼ା ମଣ୍ଡଳ ପ୍ରକଳ୍ପ ସଂଯୋଜକ ଆଲୋକ କୁମାର ନାୟକ ସମସ୍ତଙ୍କଧନ୍ୟବାଦ ଅର୍ପଣ କରିଥିଲେ ।

# ଅଙ୍ଗନୱାଡି ଶିଶୁଙ୍କ ଅନନ୍ୟ ପ୍ରତିଭା

**ଫୁଲବାଣୀ ଅଫିସ, ୧୮।୧୦**

କୁନି କୁନି ପିଲା। ପାଠ ପଢ଼ିବାକୁ ମଙ୍ଗିବାର ବୟସ । ଛୋଟ ବ୍ୟାଗରେ ସିଲଟ୍ ଧରି ଘର ଲୋକଙ୍କ ସହ ଅଙ୍ଗନୱାଡି କେନ୍ଦ୍ରକୁ ଯାଆନ୍ତି । କିଛି ଘଣ୍ଟା ସେଠାରେ ପଢ଼ିବା ପରେ ଘରକୁ ଫେରନ୍ତି । ମାତ୍ର ଏତେ କମ୍ ବୟସର ଜଣେ ଶିଶୁଙ୍କ ପାଖରେ ଦେଖିବାକୁ ମିଳିଛି ଅନନ୍ୟ ପ୍ରତିଭା। ଯାହା ସମସ୍ତଙ୍କୁ ବିସ୍ମିତ କରିଛି । ସେମାନେ ହେଲେ କନ୍ଧମାଳ ଜିଲା ଟିକାବାଲି ବ୍ଲକ ପିକରଡି ପଞ୍ଚାୟତ ବ୍ରେକା ଅଙ୍ଗନୱାଡି କେନ୍ଦ୍ରର ୨ ଶିଶୁ ଲକ୍ଷ୍ମୀବତି ଏବଂ ଅଲିଭା। ଅଙ୍ଗନୱାଡି ଦିଦି, ମା' ବାପାଙ୍କ ନାମଠାରୁ ଆରମ୍ଭ କରି ଦେଶ, ରାଜଧାନୀ ପ୍ରଧାନମନ୍ତ୍ରୀଙ୍କ ନାମ ଅନର୍ଗଳ କହୁଛନ୍ତି । ବିଭିନ୍ନ ପ୍ରଶ୍ନର ଠିକ୍ ଉତ୍ତର ଦେଉଥିବା ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି । ଖାଲି ଏତିକି ନୁହେଁ, ଅଙ୍ଗନୱାଡି ଯେ ପାଠର ଏନ୍ତୁଡି ଶାଳ ତାହା ପ୍ରମାଣିତ ହୋଇଛି । ଏଥିସହ ଅଙ୍ଗନୱାଡି ଦିଦି ଏବଂ ସହାୟିକା ଏବେ ଉଦାହରଣ ପାଲଟିଛନ୍ତି ।

ବ୍ରେକା ଅଙ୍ଗନୱାଡି କେନ୍ଦ୍ରରେ ୬ ଝିଅ ଏବଂ ୫ ପୁଅଙ୍କୁ ନେଇ ୧୧ ଜଣ ପିଲା ପଢୁଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଗ୍ରାମର ବେଣୁଧର ପ୍ରଧାନଙ୍କ ଝିଅ ଲକ୍ଷ୍ମୀବତୀ ଏବଂ ସୁମନ୍ତ ମଲ୍ଲିକଙ୍କ ଝିଅ ଅଲିଭା। ସାଧାରଣଜ୍ଞାନ ପରୀକ୍ଷାରେ ଏମାନେ ସମସ୍ତଙ୍କଠାରୁ ଆଗରେ। ଅଙ୍ଗନୱାଡି ଦିଦି ଭିକ୍ଟୋରିଆ ପ୍ରଧାନ ଏବଂ ସହାୟିକା ଡାଳିମ୍ବ ଦଣ୍ଡିଆ ସବୁ ପିଲାମାନଙ୍କୁ ପଢ଼ାଇବା ସହ ସାଧାରଣଜ୍ଞାନ ଉପରେ ଜୋର ଦେଇଥାନ୍ତି । ଲକ୍ଷ୍ମୀବତୀ ଏବଂ ଅଲିଭା ଖୁବ୍ କମ୍ ସମୟରେ ପାଠ ସହ ସାଧାରଣଜ୍ଞାନରେ ବେଶ୍ ଦକ୍ଷ। ବାପା, ମା', ଗ୍ରାମ, ପଂଚାୟତ, ଥାନା, ଅଂଗନୱାଡି ଦିଦି, ସହାୟିକା, ଜାତୀୟ ଫୁଲ, ଜାତୀୟ ପଶୁ, ଜାତୀୟ ପିତା, ଜାତୀୟ ପକ୍ଷୀ, ନଦୀ, ଜାତୀୟ ସଙ୍ଗୀତ, ବର୍ଷ, ମାସ, ଦେଶ ଏବଂ ରାଜ୍ୟର ନାମ, ବିଡିଓ, ଜିଲାପାଳ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ନାମ ସମେତ ପ୍ରାୟ ୫୦ଟି ପ୍ରଶ୍ନର ଉତ୍ତର ଅନର୍ଗଳ କହୁଛନ୍ତି।

ଏତେସବୁ ପରେ ମଧ ଏହି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ଏହା ଗ୍ରାମର ୱାର୍ଡ ମେମ୍ବରଙ୍କ ଘରେ ଚାଲୁଥିଲା । ଏବେ ୩ ମାସ ହେବ ବ୍ରେକା ପ୍ରାଥମିକ ବିଦ୍ୟାଳୟରେ ଚାଲିଛି । କାରଣ ପିଲା ସଂଖ୍ୟା କମ୍ ହେବାରୁ ସ୍କୁଲ ବନ୍ଦ ହୋଇଯାଇ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ସ୍କୁଲ ପରିସରରେ ବ୍ରେକା ଅଙ୍ଗନୱାଡି କେନ୍ଦ୍ର କାମ ଚାଲିଛି । ଛାତ ଲେଭଲ ପର୍ଯ୍ୟନ୍ତ କାମ ସରିଲାଣି । କାମ ସରିଲେ ନିଜସ୍ୱ କେନ୍ଦ୍ରରେ ପିଲା ପଢ଼ିବେ ବୋଲି ଦିଦି ଭିକ୍ଟୋରିଆ କହିଛନ୍ତି ।


ଲକ୍ଷ୍ମୀବତୀ ଏବଂ ଅଲିଭା।

# ଚା' ଖଟିରେ କନ୍ଧମାଳ ଏମ୍‌ପି

## ମେଡିକାଲ୍ କଲେଜ ପ୍ରତିଷ୍ଠା ଘୋଷଣାନେଇ ମିଠା ବାଣ୍ଟିଲେ

**ଦାରିଙ୍ଗବାଡ଼ି, ୧୮।୧୦(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ଚାରିଛକଠାରେ ଥିବା ଏକ ଚା' ଦୋକାନରେ ଶୁକ୍ରବାର ଅପରାହ୍ନରେ ପହଞ୍ଚିଥିଲେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ। ଦାରିଙ୍ଗବାଡିରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଫେରିବାବେଳେ ସେ ଏଠାରେ ପହଞ୍ଚିଥିଲେ। ଏମ୍‌ପି ସାମନ୍ତ ରାଜ୍ୟ ସରକାର ଫୁଲବାଣୀଠାରେ ମେଡିକାଲ୍ କଲେଜ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିବା ନେଇ ଉପସ୍ଥିତ ଲୋକଙ୍କୁ ଜଣାଇବା ସହ ସେହି ଖୁସିରେ ମିଠା ବାଣ୍ଟିଥିଲେ। କିଛି ସମୟ ସାଧାରଣ ଲୋକଙ୍କ ସହ ସେଠାରେ ବିଭିନ୍ନ ବିଷୟରେ ଆଲୋଚନା କରି ଭୁବନେଶ୍ୱର ଫେରିଯାଇଥିଲେ।

ପ୍ରକାଶ ଯେ, ଚା' ଦୋକାନ ମାଲିକ ଶ୍ରୀତମ ପ୍ରଧାନ ଜନଜାତି ସମ୍ପ୍ରଦାୟର। ପୂର୍ବରୁ ତତ୍କାଳୀନ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ଏଠାରେ ଆସି ଚା' ପିଇବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ।



## କନ୍ଧମାଳ ଏମ୍‌ପିଙ୍କ ଦାରିଙ୍ଗବାଡ଼ି ଗସ୍ତ

# ସ୍ୱାଗତ ପାଇଁ ଖରାରେ ଛିଡାହେଲେ ଛାତ୍ରୀଛାତ୍ର

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ପଦଯାତ୍ରା

**ଦାରିଙ୍ଗବାଡ଼ି,୧୮।୧୦(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ କୋଠାକୁ ଶୁକ୍ରବାର କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତାନନ୍ଦ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ତାଙ୍କୁ ସ୍ୱାଗତ କରିବାକୁ ପାଇଁ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ବିଇଓ ବ୍ରହ୍ମାନନ୍ଦ ରାଉତ ବିଦ୍ୟାଳୟଠାରୁ ପ୍ରାୟ ୧ଶହ ମିଟର ଦୂର ୫୯ନଂ ଜାତୀୟ ରାଜପଥରେ ଅପେକ୍ଷା କରିରହିଥିଲେ। ପୂର୍ବାହ୍ନ ୧୦ଟାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ପ୍ରାୟ ସାଢ଼େ ୧୧ଟାରେ ଏମ୍‌ପି ପହଞ୍ଚିଥିଲେ। ପ୍ରଚଣ୍ଡ ଖରାରେ ଛାତ୍ରୀଛାତ୍ର ଦେଢଘଣ୍ଟା ଏମ୍‌ପିଙ୍କୁ ଅପେକ୍ଷା କରିଥିଲେ। ବିଇଓ ରାଉତଙ୍କୁ ଛାତ୍ରୀଛାତ୍ରଙ୍କୁ କାହିଁକି ଖରାରେ ଠିଆ କରାଯାଇଛି ବୋଲି ପ୍ରଶ୍ନ କରିବାରୁ ସେ ତରବରିଆ ଭାବେ ସେମାନଙ୍କୁ ବିଦ୍ୟାଳୟକୁ ପଠାଇଦେବାକୁ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏମପି ସାମନ୍ତ ପହଞ୍ଚିବାପରେ ପୁଣି ଛାତ୍ରୀଛାତ୍ର ଫୁଲତୋଡ଼ା ଦେଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏନେଇ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କୁ ପଚରାଯିବାରୁ ସେ କହିଛନ୍ତି, ସ୍କୁଲର ନୂତନ କୋଠା ଉଦ୍‌ଘାଟନ ହେଉଛି, ଏମ୍‌ପି, ବିଧାୟକ ଆସୁଛନ୍ତି ତେଣୁ ଛାତ୍ରୀଛାତ୍ରମାନେ ଉତ୍ସାହରେ ଅପେକ୍ଷା କରିଥିଲେ। ସରକାରଙ୍କ ନିୟମ ପ୍ରକାରେ କୌଣସି ଲୋକ ପ୍ରତିନିଧି କିମ୍ବା ଅତିଥିଙ୍କୁ ସ୍ୱାଗତ କରିବାକୁ ଛାତ୍ରୀଛାତ୍ରଙ୍କୁ ଖରାରେ ଛିଡା କରାଯିବ ନାହିଁ। ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି କିରିକୁଟିର ସୁରେସନ ସାହୁ। ଏନେଇ ଏମ୍‌ପି ସାମନ୍ତଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କୁ ଖରାରେ ଠିଆକରିବା ଘଟଣାକୁ ସେ ନିନ୍ଦା କରିଥିଲେ। ବିଇଓଙ୍କୁ ପଚାରି ବୁଝିବା ସହ ଆଗାମୀ ଦିନରେ ଏଭଳି କରାଯିବ ନାହିଁ ବୋଲି କହିଛନ୍ତି।


ଛାତ୍ରୀଛାତ୍ର ଅତିଥିଙ୍କୁ ସ୍ୱାଗତ ପାଇଁ ଖରାରେ ଛିଡା ହୋଇଛନ୍ତି।

କାର୍ଯ୍ୟକ୍ରମରେ ଅତିଥିଭାବେ ଏମ୍‌ପି ସାମନ୍ତଙ୍କ ସହ ବିଧାୟକ ସାଲୁଗା ପ୍ରଧାନ, ବ୍ଲକ ଅଧକ୍ଷା ସୁବେନ୍ତୀ ପ୍ରଧାନ, କିରିକୁଟି ସରପଞ୍ଚ ନିର୍ମାତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଇଓ ରାଉତ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଅତିଥିଙ୍କୁ ଅବଗତ କରାଯାଇଥିଲା। ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଏସ. ସୁବ୍ରମଣ୍ୟମ୍, ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ସୁବୁଦ୍ଧି, କନିଷ୍ଠଯନ୍ତ୍ରୀ ନିମୁରାମ ଡୁଡୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଏମପି ସାମନ୍ତ, ବିଧାୟକ ପ୍ରଧାନ, ବ୍ଲକ ଅଧକ୍ଷା ପ୍ରମୁଖ ପର୍ତ୍ତମାହା ପଞ୍ଚାୟତ ଗସ୍ତ କରି ସେଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟନ କରିବା ସହ ପାଙ୍ଗାଲି ଠାରୁ ପ୍ଲିହେରୀ ପର୍ଯ୍ୟନ୍ତ ପଦଯାତ୍ରାରେ ସାମିଲ ହୋଇଥିଲେ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ୧୯ ଅକ୍ଟୋବର,୨୦୧୯



## ସଂକ୍ଷେପରେ

### ବଦଳିଲେ ବଳଦେବ ମାଧମିକ ବିଦ୍ୟାଳୟର ଅଧକ୍ଷ, ସମ୍ପାଦକ

ବୁଗୁଡ଼ା,୧୮।୧୦(ଡି.ଏନ.ଏ.)- ସରକାରଙ୍କ ନିର୍ଦ୍ଦେଶ କ୍ରମେ ଯୁଗ୍ମ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଚିଠି ନଂ. ୧୦୩୦୩, ଗତ ଅଗଷ୍ଟ ୩୧ ତାରିଖ ପ୍ରକାରେ ବୁଗୁଡ଼ା ସ୍ଥିତ ବଳଦେବ ଜୀଉ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଓ ସମ୍ପାଦକଙ୍କ ବଦଳି କରାଯାଇଛି। ସେମାନଙ୍କ ସ୍ଥାନରେ ନୂତନ ଅଧକ୍ଷ ଭାବେ ଇତିହାସ ବିଭାଗର ବରିଷ୍ଠ ଅଧାପକ ମନୋଜ କୁମାର ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସେ ତା' ସାଙ୍ଗକୁ ସମ୍ପାଦକ ପଦବୀ ମଧ ତୁଲାଇବେ ବୋଲି ଚିଠି ଦ୍ୱାରା ସ୍ପଷ୍ଟ ହୋଇଯାଇଛି। ପୂର୍ବରୁ ଉକ୍ତ ବିଦ୍ୟାଳୟର ଅଧକ୍ଷ ଭାବେ ବିଭୂତି ଭୂଷଣ ମିଶ୍ର ଓ ସମ୍ପାଦକ ଭାବେ ସୀମାଞ୍ଚଳ ବେହେରା କାର୍ଯ୍ୟ କରୁଥିଲେ। ଭଞ୍ଜନଗର ଉପଜିଲାପାଳ ତଥା ଉକ୍ତ ବିଦ୍ୟାଳୟର ସଭାପତିଙ୍କ ପରାମର୍ଶକ୍ରମେ ଉଚ୍ଚ ମାଧମିକ ଶିକ୍ଷା ବିଭାଗ ଉକ୍ତ ବିଦ୍ୟାଳୟରେ ନୂତନ ଅଧକ୍ଷ ଓ ସମ୍ପାଦକ ନିଯୁକ୍ତି କରିଛି। ବର୍ତ୍ତମାନ ସ୍ୱାଇଁ ବିଦ୍ୟାଳୟର ଅଧକ୍ଷ ପଦବୀ ସମ୍ଭାଳିବା ସହ ଗଭର୍ଣ୍ଣିଙ୍ଗ ବଡ଼ିର ସମ୍ପାଦକ ପଦବୀ ମଧ ତୁଲାଇବେ।

### ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କଲେ ବିଧାୟକ

ଗଞ୍ଜାମ,୧୮।୧୦(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ଝାରେଡ଼ି ରାଧାଗୋବିନ୍ଦପୁର ଅଙ୍ଗନୱାଡ଼ି କେନ୍ଦ୍ରକୁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଶୁକ୍ରବାର ପରିଦର୍ଶନ କରିଥିଲେ। ଉକ୍ତ କେନ୍ଦ୍ରକୁ ଅଙ୍ଗନୱାଡ଼ି କର୍ମୀ ମାସକୁ ମାତ୍ର ୪ ଦିନ ଆସୁଥିବା ବେଳେ ସହାୟିକାଙ୍କ ଭରସାରେ ଏହା ଚାଲୁଥିବା ବିଧାୟକ ଜାଣିବାକୁ ପାଇଲେ। ଏଥିସହ ଉକ୍ତ କେନ୍ଦ୍ର ସଫାସୁତରା ନ ଥିବା ଦେଖି ବିଧାୟକ କ୍ଷୁବ୍ଧ ହେବା ସହ ବ୍ଲକ ସିଡିପିଓ ଦାୟିତ୍ୱରେ ଥିବା ଛତ୍ରପୁର ସିଡିପିଓ କ୍ରିଷ୍ଣାକୁମାରୀ ନନ୍ଦଙ୍କ ସହ ଫୋନରେ କଥା ହୋଇଥିଲେ। ଜେଆର୍‌ଜିପୁର ଗ୍ରାମବାସୀ ବିଧାୟକଙ୍କୁ ଅଭିଯୋଗ ପରେ ବିଧାୟକ ଏହି ପଦକ୍ଷେପ ନେଇଥିବା ବିଜେଡିର ବରିଷ୍ଠ ନେତା ଶ୍ରୀକାନ୍ତ କୁମାର ମାହାନ୍ତି କହିଛନ୍ତି। ପରେ ବିଧାୟକ ଦଳୀୟ କର୍ମୀଙ୍କ ସହ ପଦଯାତ୍ରାରେ ବାହାରିଥିଲେ ।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା
#### ସ୍ୱାସ୍ଥ୍ୟ ବିଭାଗ ଅନୁପସ୍ଥିତିକୁ ନେଇ ଉତ୍ତେଜନା

ହାତୀଓଟ,୧୮।୧୦-ପୋଲସରାସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକ ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ସାଧନ କେନ୍ଦ୍ର ଶିକ୍ଷାଧିକାରି ତ୍ରିଲୋଚନ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ପୋଲସରା ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ / ବିଆରସିସି ବାଳକୃଷ୍ଣ ପାତ୍ର, ଏବିଇଓ (ଏମ.ଡି.ଏମ୍) ସ୍ୱରୁପ୍ କୁମାର ପାତ୍ର ଓ ବ୍ରହ୍ମାନନ୍ଦ ରଥ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗୀତାରେ ସ୍ଥାନୀୟ ଏନ୍‌ଏସି ସମେତ ମୋଟ ୨୬ ଗ୍ରାମପଞ୍ଚାୟତରେ ଥିବା ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜକର ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଆଶିଷ ନାୟକ ଦୌଡୁଥିବା ବେଳେ ପଡିଯାଇ ଗୁରୁତର ହୋଇଛନ୍ତି। ଦୁର୍ଘଟଣାକୁ ଦୃଷ୍ଟିରେ ରଖି ସ୍ଥାନୀୟ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ଖେଳପଡ଼ିଆରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ କେହି ନ ଆସିବାରୁ ଅଭିଭାବକଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଆହତ ଛାତ୍ରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପଦକ ସମେତ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

### ୱାରେଣ୍ଟ ବଳରେ ୧୧ ଗିରଫ

ଶଙ୍କରାଖୋଲ, ୧୮।୧୦ (ଡି.ଏନ୍.ଏ.)- ଟିକାବାଲି ଥାନା କୁସୁମେଣ୍ଡି ପଞ୍ଚାୟତର ସୁନାପାଙ୍ଗା ଗ୍ରାମର ୧୧ଜଣଙ୍କୁ ପୁରୁଣା ୱାରେଣ୍ଟ ବଳରେ ଟିକାବାଲି ଥାନାଧିକାରୀ ରେବତୀ ଶବର ଓ ଏଏସ୍‌ଆଇ ଲଡୁକିଶୋର ତ୍ରିପାଠୀଙ୍କ ନେତୃତ୍ୱରେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସୁବାସ ପ୍ରଧାନ, ବିନୋଦ ପ୍ରଧାନ, ପୁରନ୍ଦର ପ୍ରଧାନ, ପବିତ୍ର ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ବେଣୁଧର ପ୍ରଧାନ, ବାନାମ୍ବର ପ୍ରଧାନ, ଶ୍ରୀବସ୍ତ ପ୍ରଧାନ, ଅଙ୍ଗଦ ପ୍ରଧାନ, ବାବା ପ୍ରଧାନ, ସାଧୁ ପ୍ରଧାନ। ଏମାନଙ୍କ ନାଁରେ ପୁରୁଣା ମାମଲା ଜିଆର୍ ନଂ. ୯୫/୨୦୦୩ରେ ଥିବା ବେଳେ ନଡିଆତୋଳାକୁ ନେଇ ଗଣ୍ଡଗୋଳ ହୋଇଥିବା ନେଇ ଥାନା ଅଧିକାରୀ କହିଛନ୍ତି।

# ଦୁର୍ଘଟଣାରେ ମୃତ୍ୟୁକୁ ନେଇ ରାସ୍ତାରୋକୋ

**କୁକୁଡାଖଣ୍ଡି,୧୮।୧୦(ଡି.ଏନ.ଏ.)**



ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ।

ସଦର ଥାନା ଆମ୍ଭଗଡଠାରେ ଗୁରୁବାର ସକାଳ ୧୦ଟାରେ ଏକ ଯାତ୍ରୀବାହୀ ଘରୋଇ ବସ ସହ ଅଟୋ ଧକ୍କା ହୋଇଥିଲା। ଏଥିରେ ସାନଖେମୁଣ୍ଡି ଖଲିଗିଂ ପଞ୍ଚାୟତ ଗୁଣସାଗର ଗାଁର ରଞ୍ଜିତା ଦଳାଇ ଓ ମଣ୍ଟୁ ଦଳାଇଙ୍କ ପୁଅ ଗଣେଶ (୭)ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୫ ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଥିରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପୋଲିସ ପହଞ୍ଚି ବସଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗୁଣସାଗରଗାଁର ଗୋଟିଏ ପରିବାରର ୮ ଜଣ ଏକ ଅଟୋ ଯୋଗେ ବ୍ରହ୍ମପୁର ଯାଉଥିବା ବେଳେ ବ୍ରହ୍ମପୁରରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ଯାତ୍ରୀବାହୀ ବସ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗଣେଶଙ୍କୁ ବ୍ରହ୍ମପୁର ପରେ କଟକ ମେଡିକାଲକୁ ନେବା ବାଟରେ ମୃତ୍ୟୁ ଘଟିଥିଲା। ଶିଶୁଟିର ମୃତଦେହ କଟକରୁ ବ୍ୟବଚ୍ଛେଦ କରି ଆଣିବା ପରେ ଶୁକ୍ରବାର ଅପରାହ୍ଣ ୩ଟାରେ ପରିବାର ଲୋକେ ଦୁର୍ଘଟଣା ସ୍ଥାନରେ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ବ୍ରହ୍ମପୁରରୁ ଦିଗପହଣ୍ଡିକୁ ୩ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ, ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ବଡବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି, ଟାଉନ ଥାନାଧିକାରୀ ସୁରେଶ ତ୍ରିପାଠୀ ପ୍ରମୁଖ ୬ ଥାନାଧିକାରୀ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିଥିଲେ। କୁକୁଡାଖଣ୍ଡି ଅତିରିକ୍ତ ତହସିଲଦାର କଳାକୃଷ୍ଣ ପ୍ରଧାନ ମୃତ ଦୁଇ ପରିବାରକୁ ରେଡକ୍ରସ ପକ୍ଷରୁ ୨୦ ହଜାର ଲେଖାଏ ୪୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ପ୍ରଦାନ କରିବାକୁ ସେ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

## ଓଭରବ୍ରିଜ ନିର୍ମାଣ,ବନ୍ଦ ରାସ୍ତା ଖୋଲିବାକୁ ଦାବିପତ୍ର

**ଗୋପାଳପୁର,୧୮।୧୦**

ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଡା ଗ୍ରାମକୁ ଆଖପାଖ ଅଞ୍ଚଳର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକ ପରିବା ବ୍ୟବସାୟ କରିବା ପାଇଁ ନିର୍ଭର କରିଥାନ୍ତି । ୧୬ନଂ. ଜାତୀୟ ରାଜପଥରେ ବହୁ ଦୁର୍ଘଟଣା ଘଟି ନିରୀହ ଜନସାଧାରଣଙ୍କ ଜୀବନ ଯାଉଛି । ଗତ ବୁଧବାର ଭୋରରେ ଚିକରଡ଼ା ଗ୍ରାମର ପରିବା ବ୍ୟବସାୟୀ କନକ ବେହେରା ରାସ୍ତା ପାର ହେଉଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଚିକରଡ଼ା ଗ୍ରାମବାସୀ ରାସ୍ତାରୋକୋ କରିବା ସହ ମଝି ରାସ୍ତାକୁ ବନ୍ଦ କରିବା ପାଇଁ ଦାବି କରିଥିଲେ। ପ୍ରଶାସନ ଦୁର୍ଘଟଣା ଏଡ଼ାଇବା ପାଇଁ ଉକ୍ତ ରାସ୍ତାକୁ ବନ୍ଦ ମଧ କରି ଦେଇଥିଲେ। ଫଳରେ ରଣ୍ଡା ଗ୍ରାମବାସୀଙ୍କ ଯାତାୟାତରେ ଅସୁବିଧା ହେବା ସହ ବ୍ୟବସାୟ ମଧ ମାନ୍ଦା ହୋଇଛି । ଏ ନେଇ ଗୁରୁବାର ରାତିରେ ବ୍ୟବସାୟୀ ଓ ଗ୍ରାମବାସୀ ସ୍ଥାନୀୟ ଶିବ ମନ୍ଦିର ନିକଟରେ ବୈଠକ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ କନିଷ୍ଠ ତହସିଲଦାର ଓ ବ୍ରହ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେଠାରେ ଓଭରବ୍ରିଜ ତିଆରି କରିବା ସହ ଉକ୍ତ ରାସ୍ତାକୁ ପୁଣି ଖୋଲାଯିବାକୁ ଦାବିପତ୍ରରେ ଉଲ୍ଲେଖ କରିଥିଲେ। ବର୍ତ୍ତମାନ ସେଠାରୁ ୨୦୦ ମିଟର ଦୂରରେ ଡିଭାଇଡ଼ରକୁ ଭାଙ୍ଗି ଏକ ରାସ୍ତା ଖୋଲାଯାଇଛି। କନିଷ୍ଠ ତହସିଲଦାର ଓ ଉପଜିଲାପାଳଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

### ୫ମ ଦିନରେ ମା' ଗଜଲକ୍ଷ୍ମୀଙ୍କ ପୂଜା
## ଭଜନ ସମାରୋହରେ କମ୍ପିଲା ବଡ଼ବଜାର



ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଭଜନ ସମାରୋହ।

**ଗଞ୍ଜାମ,୧୮।୧୦(ଡି.ଏନ.ଏ.)**

ଗଞ୍ଜାମ ବଡ଼ବଜାରସ୍ଥିତ ଚାଲିଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଛି । ଏହି ଉପଲକ୍ଷେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଶ୍ରୀରାଧେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବାକୁ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା। ଠାକୁରଙ୍କ ବିଭିନ୍ନ ଭଜନ ଗୀତରେ ବଜାର ପ୍ରକମ୍ପିତ ହୋଇ ଉଠିଥିଲା । ପ୍ରତ୍ୟେକ ଦିନ ମା'ଙ୍କ ସନ୍ଧ୍ୟା ଆଳତୀ ସମୟରେ ବହୁ ଭକ୍ତ ମା'ଙ୍କ ଦର୍ଶନ କରୁଛନ୍ତି। ଏହି ପୂଜା ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବଡ଼ବଜାରରେ ବଣିକ ସଂଘ ପକ୍ଷରୁ ଆୟୋଜନ କରାଯାଉଛି। ଏହାକୁ ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ଉପସଭାପତି ଗଣେଶ ପଟ୍ଟନାୟକ, ସମ୍ପାଦକ କାହ୍ନୁଚରଣ ପଣ୍ଡା, କୋଷାଧକ୍ଷ ଜି. ରାମଦାସ ରେଡ୍ଡୀ, ଜଗୁ ରେଡ୍ଡୀ, ଅନି ପଟ୍ଟନାୟକ, ବୁଢ଼ା ପାଣିଗ୍ରାହୀ, ସୁନୀଲ ପଣ୍ଡା ପ୍ରମୁଖ ପରିଚାଳନା କରୁଛନ୍ତି। ଆସନ୍ତା ରବିବାର ମା' ଗଜଲକ୍ଷ୍ମୀଙ୍କ ବିସର୍ଜନ କରାଯିବ ବୋଲି ସମ୍ପାଦକ କାହ୍ନୁ ପଣ୍ଡା କହିଛନ୍ତି ।

# ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

**ଗୋପାଳପୁର,୧୮।୧୦**



କନ୍ୟା ସନ୍ତାନଙ୍କ ମା'ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବିଜୁ କନ୍ୟାରତ୍ନ ଯୋଜନାର 'ମୋ ଗେହ୍ଲା ଝିଅ' କାର୍ଯ୍ୟକ୍ରମ ବୁଧବାର ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗିପୁର ଗ୍ରାମରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ଅଜିତ ଦାସ ଓ ସରପଞ୍ଚ ରଶ୍ମିତା ପଟ୍ଟନାୟକ ଯୋଗ ଦେଇଥିଲେ। ସଦ୍ୟଜନ୍ମିତ କନ୍ୟା ଘରେ ପହଞ୍ଚି ମା'କୁ ମିଷ୍ଟାନ୍ନ, ପୋଷାକ ଓ ପୁଷ୍ପଗଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପ୍ରଦତ୍ତ ପ୍ରଶଂସାପତ୍ର ପ୍ରଦାନ କରି ଓ କେକ୍ କଟା ଯାଇଥିଲା। ଗୋଳାବନ୍ଧ, ସାତକୁଟୁଣି, ଗୋଳନ୍ଥରା, ଶାସନପଦର ଗ୍ରାମରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରତିଯୋଗିତା

**ଦିଗପହଣ୍ଡି,୧୮।୧୦(ଡି.ଏନ.ଏ.)**

ଗଞ୍ଜାମ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଶୁକ୍ରବାର ସ୍ଥାନୀୟ ବଡଖେମୁଣ୍ଡି ହାଇସ୍କୁଲ ପରିସରରେ ଜିଲାରେ ପ୍ରମୁଖ ପର୍ଯ୍ୟଟନସ୍ଥଳ ଓ ତାର ଗୁରୁତ୍ୱ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧୀନ ବିଭିନ୍ନ ସ୍କୁଲର ବହୁସଂଖ୍ୟକ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ଗୋଷ୍ଠୀ ସାଧନ ସଂଯୋଜକ ଉପେନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ରବା ପାଇକ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଉଦଗାତା, ସହକାରୀ ଶିକ୍ଷକ ଜଗଦୀଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିବୃନ୍ଦ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନେ ଆର୍ଥିକ ଅଭିବୃଦ୍ଧି ପାଇଁ ପର୍ଯ୍ୟଟନ କ୍ଷେତ୍ରର ଭୂମିକା ଶୀର୍ଷକ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି।

# ନବବଧୂଙ୍କୁ ହତ୍ୟାକରି ପୋଡ଼ିଦେଲେ

**ଭଞ୍ଜନଗର,୧୮।୧୦(ଡି.ଏନ.ଏ)**

- ୨ଦିନ ପରେ ଅଭିଯୋଗ କଲେ ଭାଇ
- ଶ୍ମଶାନରୁ ହାଡ, ପାଉଁଶ ଜବତ, ୩ ଅଟକ

ଭଞ୍ଜନଗର ସହର ବଡ଼ତୋଟାସାହିର ନବବଧୂ ଆରତୀ ନାହାକ (୩୦)ଙ୍କୁ ହତ୍ୟାକରି ଶ୍ୱଶୁରଘର ଲୋକେ ବୁଧବାର ପୋଡ଼ି ଦେଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ କରିଛନ୍ତି ଆରତୀଙ୍କ ଭାଇ। ନଂ.୩୫୧।୧୯ରେ ଏକ ଯୌତୁକ ଜନିତ ହତ୍ୟା ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି ପୋଲିସ। ଏଥିସହ ଛତ୍ରପୁରରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ଶୁକ୍ରବାର ଘଟଣାର ତଦନ୍ତ କରି ଫେରିଯାଇଛି। ପୋଲିସ ଶ୍ମଶାନଘାଟରୁ ହାଡ଼ ପାଉଁଶ ଜବତ କରିଛି। ଏହି ମାମଲାରେ ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ପ୍ରକାଶଯେ ପୋଲସରାର ଆରତୀ କିଛିବର୍ଷ ପୂର୍ବେ ତୋଟାସାହିର ରଞ୍ଜିତ ନାହାକଙ୍କୁ ବିବାହ କରିଥିଲେ। ଗତ ବୁଧବାର ପ୍ରତ୍ୟୁଷରେ ଆରତୀ ମୃତ୍ୟୁବରଣ କରିଥିବା ନେଇ ପ୍ରାୟ ସାଢ଼େ ୭ଟାରେ ଶ୍ୱଶୁରଘର ଲୋକେ ଆରତୀଙ୍କ ଭାଇ ଗୌତମଙ୍କୁ ଖବର ଦେଇଥିଲେ। ଗୌତମଙ୍କ ପରିବାର ଲୋକେ ଅପରାହ୍ନରେ ଭଞ୍ଜନଗରରେ ପହଞ୍ଚି ଦେଖିବାବେଳକୁ ଆରତୀଙ୍କୁ ପୋଡ଼ି ଦିଆଯାଇଛି। ତେଣୁ ଗୌତମଙ୍କ ସନ୍ଦେହ ବଢ଼ିଥିଲା। ଏହାପରେ ଗୌତମ ଓ ସାଥିରେ ଆସିଥିବା ଅନ୍ୟମାନେ ଫେରିଯାଇଥିଲେ। ଆରତୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଗୌତମ ଶୁକ୍ରବାର ଭଞ୍ଜନଗରରେ ଥାନାରେ ଅଭିଯୋଗ କରିବା ପରେ ଏସ୍.ଆଇ. ନିରଞ୍ଜନ ଦାସ ଘଟଣାର ତଦନ୍ତ କରୁଛନ୍ତି।

### ୧୦୮ ହନୁମାନ ଚାଳିଶା ପାଠ

ଜି.ଉଦୟଗିରି,୧୮।୧୦(ଡି.ଏନ.ଏ.)- ଜି.ଉଦୟଗିରି ସ୍ଥିତ ହନୁମାନ ମନ୍ଦିରରେ ଶୁକ୍ରବାର ସଂକ୍ରାନ୍ତି ଉପଲକ୍ଷେ ୧୦୮ ହନୁମାନ ଚାଳିଶା, ହୋମ, ଓ ଅନ୍ନ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ଶତାଧିକ ଭକ୍ତ ହନୁମାନଙ୍କ ଦର୍ଶନ କରିଥିଲେ। ସକାଳୁ ପୂଜକ ନାରାୟଣ ପାଢ଼ୀ ହନୁମାନଙ୍କ ପୂଜାର୍ଚ୍ଚନା କରିବା ପରେ ହନୁମାନ ଚାଳିଶା ଆରମ୍ଭ ହୋଇଥିଲା।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ପାଟପୁର,୧୮।୧୦(ଡି.ଏନ.ଏ.)**

ସାନଖେମୁଣ୍ଡି ହାଇସ୍କୁଲ ଚୁଡଙ୍ଗପୁର ପଡିଆରେ ଗୁରୁବାର ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ସାନଖେମୁଣ୍ଡି ବ୍ଲକର ୧୭୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଚୁଡଙ୍ଗପୁର ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନଙ୍କ ନେତୃତ୍ୱରେ ସାନଖେମୁଣ୍ଡି ବିଇଓ ମୁକୁନ୍ଦ ଚନ୍ଦ୍ର ପାଢ଼ୀ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୭୧ ଜଣ ଛାତ୍ରୀଛାତ୍ର ମନୋନିତ ହୋଇଥିବା ବେଳେ ମଣ୍ଡଳୀ ସ୍ତରରେ ଦିଗପହଣ୍ଡି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମରେ ଏବିଇଓ ସଂଯୁକ୍ତା ପଟ୍ଟନାୟକ, କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ପାଣ୍ଡୁଚରଣ ସାହୁ, ୧୧ ଜଣ ସିଆର୍‌ସି ସହ ସମସ୍ତ ସ୍କୁଲର ଖେଳ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ 'ମୋ ଗାଁରେ ତହସିଲ' କାର୍ଯ୍ୟକ୍ରମ

**ହିଞ୍ଜିଳିକାଟୁ,୧୮।୧୦ (ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବ୍ଲକ ବେଲଗାଁ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଗୁରୁବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଗୋପିନାଥ କୁଅଁରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଲଗାଁ ସରପଞ୍ଚ ତ୍ରିନାଥ ପାଣିଗ୍ରାହୀ ଓ ଧୋବାଡ଼ି ସରପଞ୍ଚ ନନ୍ଦ କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବେଲଗାଁ ଓ ଧୋବାଡ଼ି ଗ୍ରାମ ପଞ୍ଚାୟତ ଅଧୀନ ୪ ରାଜସ୍ୱ ଗ୍ରାମର ଲୋକଙ୍କ ୧୪୨ ମାମଲା ପଞ୍ଜିକୃତ ହୋଇଥିଲା। ସେଥିରୁ ୮୬ ଜଣ ଆବେଦନକାରୀଙ୍କୁ ଜମିପଟ୍ଟା, ୬ ଜଣଙ୍କୁ ଗ୍ରାମକଣ୍ଟକ ପଟ୍ଟା, ୩ ମ୍ୟୁଟେସନ ମାମଲା ଶୁଣାଣି ଓ ଅନ୍ୟାନ୍ୟ ମାମଲା ୩୩ରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

**ଗୋପାଳପୁର–** ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗିପୁର ପଞ୍ଚାୟତରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ହଳଦିଆପଦର, ଫୁଲଟା ଓ କନିଷ୍ଠ ସର୍କଲର ଲୋକମାନେ ବିଭିନ୍ନ ପଟ୍ଟା ପାଇଁ ଆବେଦନ କରିଥିଲେ। ଏହି ଅବସରରେ ଅଭିଯୋଗ ଶୁଣାଣି ସହ ପଟ୍ଟା ବଣ୍ଟନ କରାଯାଇଥିଲା। କନିଷ୍ଠ ଭାରପ୍ରାପ୍ତ ତହସିଲଦାର ଅନିତା ସାହୁ ଓ ରଙ୍ଗେଇଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ଅଜିତ ଦାସ ଯୋଗ ଦେଇଥିଲେ। ବିଭିନ୍ନ ପ୍ରମାଣପତ୍ର ପାଇଁ ୧୮୫ ଜଣ ଲୋକ ଆବେଦନ କରିଥିଲେ। ଏହି ଅବସରରେ ସରପଞ୍ଚ ରଶ୍ମିତା ପଟ୍ଟନାୟକ, ଇତିମୟ ବେହେରା, ସୀମାଞ୍ଚଳ ପାତ୍ର, ସୁଦାମ ପ୍ରଧାନ, ବିଜୟ ବେହେରା, ରାଜଲକ୍ଷ୍ମୀ ପଣ୍ଡା, ହରି ବେହେରା ଓ ଅନ୍ୟ ଅଧିକାରି ଉପସ୍ଥିତ ଥିଲେ।

**ପାତ୍ରପୁର–** ପାତ୍ରପୁର ତହସିଲ ଜରଡ଼ାଗଡ଼ରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତହସିଲଦାର ଶ୍ରୀନିବାସ ବେହେରା ଉଦ୍‌ଘାଟନ କରିଥିଲେ। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ ଉପସ୍ଥିତ ରହି ଜନସାଧାରଣଙ୍କ ୧୪୨ଟି ଆବେଦନ ପଞ୍ଜିକରଣ କରାଇଥିଲେ। ଏଥିରେ ତହସିଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପରେ ଜିଲାପାଳ ଓ ଉପଜିଲାପାଳ ତୁମ୍ବାଠାରେ ଥିବା ଉନ୍ନୟନ ସଂସ୍ଥା ଓ ପଞ୍ଚାୟତ କାର୍ଯ୍ୟାଳୟ, ବାଦପୁର ଠାରେ ଥିବା ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ।

**ଆସିକା–** ଆସିକା ତହସିଲର ବଡଖୋଲିସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଆସିକା ତହସିଲଦାର୍ ଆଶୁତୋଷ ଗୌରବ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ଏମ୍.ପି. ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ୍ ଅଧକ୍ଷ ହରେକୃଷ୍ଣ ମଳିକ, ଉପାଧକ୍ଷା ସୁଜାତା ସ୍ୱାଇଁ, ବିଡିଓ ସତ୍ୟ ସୁନ୍ଦର ରାଉତ, ବଡଖୋଲି ସରପଞ୍ଚ ଭାଗ୍ୟଲତା ବିଷୋୟୀ, ପ୍ରମୁଖ ଯୋଗଦେଇଥିଲେ। ମୋଟ ୧୯୦ଟି ଦରଖାସ୍ତ ଦାଖଲ ହୋଇଥିଲା। ୯୫ଟି ଜମିଜମା ମାମଲାର ଫଇସଲା କରାଯାଇଥିଲାବେଳେ ୩୧ଟି ବିଭିନ୍ନ କିସମର ସାର୍ଟିଫିକେଟ୍ ଓ ୨୩ ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଥିଲା।



ଆସିକାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟିକା ଓ ଅନ୍ୟମାନେ।

**ବୁଗୁଡ଼ା–** ବୁଗୁଡ଼ା ବ୍ଲକ ମାଣିତରା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବୁଗୁଡ଼ା ତହସିଲଦାର କ୍ଷିତୀଶ ଚନ୍ଦ୍ର ବେହେରା, ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନା, ବୁଗୁଡ଼ା ବିଡିଓ ତନ୍ମୟ ପାତ୍ର, ଏବିଡିଓ ସଞ୍ଜିବରା ସେନାପତି, ଜିଲା ପରିଷଦ ସଦସ୍ୟ ଭୁବନେଶ୍ୱରୀ ଖଟାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଗୌଡ଼ିଆବୋରଦା, ମାଣିତରା ଓ ଖୋଳଖାଳି ପଞ୍ଚାୟତକୁ ନେଇ ଆୟୋଜିତ ହୋଇଥିଲା। ତହସିଲ ପକ୍ଷରୁ ୧୮ଟି ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ୪୫ଟି ଦରଖାସ୍ତ ପଞ୍ଜିକୃତ ହୋଇଥିଲା। କାର୍ଯ୍ୟକ୍ରମରେ ୩ଟି ପଞ୍ଚାୟତର ସରପଞ୍ଚଙ୍କ ସମେତ ତହସିଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ଗଞ୍ଜାମ:** ଗଞ୍ଜାମ ବ୍ଲକ ସନ୍ତୋଷପୁର ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳୀରେ ଗୁରୁବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଅବନୀ କୁମାର ସାହୁ, ଅତିରିକ୍ତ ତହସିଲଦାର ସୁରେଶ ଚନ୍ଦ୍ର ପଣ୍ଡା, ସରପଞ୍ଚ ନିରଞ୍ଜନ ରେଡ୍ଡୀ, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୋଟ ୨୪୧ ଫର୍ମ ଆବେଦନ କରାଯାଇଥିବା ତହସିଲ ପ୍ରଶାସନ ପକ୍ଷରୁ କୁହାଯାଇଛି ।

**କୁକୁଡାଖଣ୍ଡି:** କୁକୁଡାଖଣ୍ଡି ତହସିଲ ଜଗଦଳପୁର ଗ୍ରାମ ଶିବ ମନ୍ଦିର ପରିସରରେ ମୋ ଗାଁରେ ତହସିଲ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ସୁବାସ ଚନ୍ଦ୍ର ରଇତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତର ପ୍ରାୟ ୨ ହଜାର ହିତାଧିକାରୀ ବିଭିନ୍ନ ପ୍ରକାର ଫର୍ମ ଆବେଦନ କରିଥିଲେ। ଅତିରିକ୍ତ ତହସିଲଦାର କଳାକୃଷ୍ଣ ପ୍ରଧାନ, ଆରଆଇ ଗୋପୀନାଥ ଶତପଥୀ ଉପସ୍ଥିତ ଥିଲେ।

**ଖଲ୍ଲିକୋଟ:** ଖଲ୍ଲିକୋଟ ବ୍ଲକ କହ୍ନେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କହ୍ନେଇପୁର ଓ ଖୋଜାପଲ୍ଲି ଆର୍‌ଆଇ ସର୍କଲର ବହୁ ଜନସାଧାରଣ ଏଠାରେ ପହଞ୍ଚି ବସୁନ୍ଧରା, ମ୍ୟୁଟେସନ, ଗ୍ରାମକଣ୍ଠ ଆଦି ପଟ୍ଟା ପାଇଁ ଆବେଦନ କରିଥିଲେ। ୨୦୯ କେସ୍ ଏଠାରେ ପଞ୍ଜୀକୃତ ହୋଇଥିଲା। ସ୍ଥାନୀୟ ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ଛତ୍ରପୁରରୁ ଆସିଥିବା ରେଭିନ୍ୟୁ ଏଡିଏମ ଲକ୍ଷ୍ମୀକାନ୍ତ ସେଠୀ ଉପସ୍ଥିତ ରହି ପଟ୍ଟା ବଣ୍ଟନ କରିଥିଲେ ।

## ସଂକ୍ଷେପରେ

### ମୋ ନିବେଦନ କାର୍ଯ୍ୟକ୍ରମ
## ୩ ପଞ୍ଚାୟତରୁ ୧୫୩ ଅଭିଯୋଗ

**ଶେରଗଡ,୧୮।୧୦(ଡି.ଏନ୍.ଏ.):** ଶେରଗଡ ବ୍ଲକ କୁଲାଗଡ ସମେତ ୩ ପଞ୍ଚାୟତରେ ଶୁକ୍ରବାର ମୋ ନିବେଦନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁ ଏଥିରେ ସଂଯୋଜନା କରିଥିଲେ। କୁଲାଗଡ, ଖିରିଡା, ବନ୍ଧାଗୁଡା ପଞ୍ଚାୟତରୁ ମୋଟ ୧୫୩ ଅଭିଯୋଗ ଆସିଥିଲା। ଏହାକୁ ସମ୍ପୃକ୍ତ ବିଭାଗକୁ ସମାଧାନ ପାଇଁ ପଠାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ଜଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ଏବିଡିଓ ଅରୁଣ କୁମାର ପ୍ରଧାନ, ସହକାରୀ କୃଷି ଅଧିକାରୀ ସୁବ୍ରତ କୁମାର ବାରିକ, କୁଲାଗଡ ସରପଞ୍ଚ ଜ୍ୟୋତ୍ସ୍ନା ପ୍ରଧାନଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ତର୍କ ପ୍ରତିଯୋଗିତା

**ଶେରଗଡ,୧୮।୧୦(ଡି.ଏନ୍.ଏ.):** ଶେରଗଡ ବ୍ଲକ ସ୍ତରୀୟ ତର୍କ ପ୍ରତିଯୋଗିତା ସ୍ଥାନୀୟ ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଏବିଇଓ ଶୈଳେନ୍ଦ୍ର ଦଳେଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗୀତାରେ ବିଚାରକ ଭାବେ ନିରୋଜ ନାୟକ, ଅନିଲ କୁମାର ତ୍ରିପାଠୀ, ସୁଶାନ୍ତ ପ୍ରଧାନ ରହି ପାଞ୍ଚ ଜଣ ପ୍ରତିଯୋଗୀଙ୍କୁ ଚୟନ କରି ପୁରସ୍କୃତ କରିଥିଲେ। ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ଜେ. ରାମେଶ୍ୱର ପାତ୍ର, ଆଦର୍ଶ ବିଦ୍ୟାଳୟର ବିକାଶ ଦାଶ, ମଧୁସ୍ମିତା ନାୟକଙ୍କ ସମେତ ୫ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି ରଘୁନାଥ ସାହୁଙ୍କ ସମେତ ବହୁ ଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା

**ଶେରଗଡ,୧୮।୧୦(ଡି.ଏନ୍.ଏ.):** ଶେରଗଡ ବ୍ଲକସ୍ତରୀୟ ଶାରଦୀୟ କ୍ରୀଡା ଶୁକ୍ରବାର ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା। ବିଡିଓ ସୁରଞ୍ଜନ କୁମାର ସାହୁ ପତାକା ଉତ୍ତୋଳନକରି ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମେ ଛାତ୍ରଛାତ୍ରୀମାନେ ଶପଥ ପାଠ କରିଥିଲେ। ବିଇଓ ଭାସ୍କର ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦ରୁ ଅଧିକ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀ ଜିଲା ସ୍ତରକୁ ମନୋନିତ ହୋଇଛନ୍ତି। ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୀତାରାମ ବେବର୍ତ୍ତାଙ୍କ ସଂଯୋଜନାରେ କ୍ରୀଡା ଶିକ୍ଷକ ମନୋଜ କୁମାର ପାଢୀ, ବିଦେଶୀ ବେହେରା, ବନବାସ ପ୍ରଧାନଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

## ସିପିଆଇର ଗଣଧାରଣା

**କୁକୁଡାଖଣ୍ଡି,୧୮।୧୦(ଡି.ଏନ.ଏ.):** ଭାରତର କମ୍ୟୁନିଷ୍ଟ ପାର୍ଟି କୁକୁଡାଖଣ୍ଡି ଆଞ୍ଚଳିକ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ତହସିଲ ସମ୍ମୁଖରେ ସିପିଆଇଏମ୍ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଦ୍ୟାଧର ଜେନାଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଛି। ଦାବି ଗୁଡିକୁ ଶୀଘ୍ର ସମାଧାନ କରିବାକୁ ନିବେଦନ କରାଯାଇଛି। କମିଟି ଆଦିବାସୀ ମାନଙ୍କ ଦଖଲରେ ଥିବା ଜଙ୍ଗଲ ଜମିକୁ ପଟ୍ଟା ପ୍ରଦାନ, ବାସହୀନଙ୍କୁ ଜମିପଟ୍ଟା ସହ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁପକ୍କା ଘର ପ୍ରଦାନ କରାଯାଉ, ସରକାରୀ ପୁଞ୍ଜିନିବେଶକୁ ବୃଦ୍ଧି କରି ନିଯୁକ୍ତି ସୃଷ୍ଟି ସହ ବେକାରୀ ଭତ୍ତା ପ୍ରଦାନ ଓ ଛଟେଇକୁ ରୋକାଯାଉ, ସବନିମ୍ନ ମାସିକ ମଜୁରୀ ୧୮ହଜାର କରିବା, କୃଷକ ମାନଙ୍କ ଉପରୁ ଋଣଛାଡ ଏବଂ ଫସଲର ସବନିମ୍ନ ସହାୟକ ମୂଲ୍ୟ ଦେଢଗୁଣ କରାଯାଉ, ବାର୍ଦ୍ଧକ୍ୟ ବିଧବା ଭତ୍ତା ମାସିକ ୩ହଜାର ଟଙ୍କା କରିବା ଆଦି ଦାବି କରି ଅତିରିକ୍ତ ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଷ୍ଣୁପ୍ରିୟା ସାହୁ, ଦଣ୍ଡପାଣି ବେହେରା, ବିଜୟ ବିଷୋୟୀ, ବିପିନ ନାୟକ, କୋରାମଣି ଗୌଡ, ମଙ୍ଗଳା ଡାକୁଆ, ନିର ଗୌଡ଼, ଅଜିତ ପାଣିଗ୍ରାହୀଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଜଙ୍ଗଲ ରାସ୍ତାରେ ଅଟକିଲା ୧୦୮ ଆମ୍ବୁଲାନ୍ସ

**ଭଞ୍ଜନଗର,୧୮।୧୦(ଡି.ଏନ.ଏ)**


ଜଙ୍ଗଲ ରାସ୍ତାରେ ଅଟକିଛି ଆମ୍ବୁଲାନ୍ସ।

- ଜି.ଉଦୟଗିରିରୁ ଆସିଲା ଆଉ ଏକ ଆମ୍ବୁଲାନ୍ସ
- ବ୍ରହ୍ମପୁର ସ୍ଥାନାନ୍ତର ହେଲେ ରୋଗୀ

୧୦୮ ଆମ୍ବୁଲାନ୍ସ ସେବା ରାଜ୍ୟରେ ଲାଗୁ ହେବାପରେ ରୋଗୀମାନଙ୍କୁ ମେଡିକାଲ ନେବା ବହୁତ ସହଜ ହୋଇଛି। ଏହାର ସୁଫଳ ରୋଗୀମାନେ ମଧ୍ୟ ପାଉଛନ୍ତି। କିନ୍ତୁ ଏବେ ଗାଡ଼ି ଗୁଡ଼ିକ ପୁରୁଣା ହେବାରେ ଲାଗିଲାଣି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ମଝିରେ ମଝିରେ ରୋଗୀଙ୍କୁ ନେବା ସମୟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଉଛି। ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ସପ୍ତାହରେ ଭଞ୍ଜନଗରରୁ ଏକ ଆମ୍ବୁଲାନ୍ସ ରୋଗୀ ଧରି ବ୍ରହ୍ମପୁର ଯାଉଥିବାବେଳେ କୁକୁଡ଼ାଖଣ୍ଡି ନିକଟରେ ଅଚଳ ହୋଇପଡ଼ିଥିଲା। ଏହାପରେ ବ୍ରହ୍ମପୁରରୁ ଆମ୍ବୁଲାନ୍ସ ଆସିଥିଲା। ଏହିଭଳି ଆଉ ଏକ ଘଟଣା ଶୁକ୍ରବାର ଅପରାହ୍ନ ସାଢ଼େ ୩ଟାରେ ଭଞ୍ଜନଗର ଫୁଲବାଣୀ ମୁଖ୍ୟ ରାସ୍ତାର ବୁଦୁଲି ଜଙ୍ଗଲ ଭିତରେ ଦେଖିବାକୁ ମିଳିଛି। ଫୁଲବାଣୀ ମେଡ଼ିକାଲରୁ ଏକ ମହିଳା ରୋଗୀଙ୍କୁ ଧରି ୧୦୮ ଆମ୍ବୁଲାନ୍ସଟି ବ୍ରହ୍ମପୁର ବଡ଼ ମେଡ଼ିକାଲ ଅଭିମୁଖେ ଯାଉଥିଲା। ବୁଦୁଲି ଜଙ୍ଗଲରେ ହଠାତ୍ ଆମ୍ବୁଲାନ୍ସଟି ଅଚଳ ହୋଇପଡ଼ିଥିଲା। ଫଳରେ ଜି.ଉଦୟଗିରିରୁ ଆଉ ଏକ ଆମ୍ବୁଲାନ୍ସ ଆସି ଉକ୍ତ ରୋଗୀଙ୍କୁ ବ୍ରହ୍ମପୁର ନେଇଥିଲା। ଆମ୍ବୁଲାନ୍ସରେ ଯାଉଥିବା ଜି.ଉଦୟଗିରିର ମନୋଜ ନାୟକ କହିଛନ୍ତି ଯେ, ତାଙ୍କ ସ୍ତ୍ରୀ ମିତାର ସ୍ୱାସ୍ଥ୍ୟ ଖରାପ ଯୋଗୁ ଗୁରୁବାର ଫୁଲବାଣୀ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଶୁକ୍ରବାର ଅବସ୍ଥା ଗୁରୁତର ହେବାରୁ ଡ଼ାକ୍ତରଙ୍କ ପରାମର୍ଶକ୍ରମେ ବ୍ରହ୍ମପୁର ନେଉଥିଲେ। ବାଟରେ ଏହି ସମସ୍ୟା ଉପୁଜିଥିଲା। ଜି.ଉଦୟଗିରିରୁ ଅନ୍ୟ ଏକ ଗାଡ଼ି ଆସିବା ପରେ ସୁରକ୍ଷିତ ଭାବେ ବ୍ରହ୍ମପୁରରେ ପହଞ୍ଚିଲୁ। ଗାଡ଼ି ପାଇଁ ଆମର ବିଶେଷ ଅସୁବିଧା ହୋଇନାହିଁ। ଯାହାକିଛି ସମୟ ବିଳମ୍ୱ ହୋଇଛି। ଗାଡ଼ିର ଜଣେ କର୍ମଚାରୀ ଏଠାରେ କହିଛନ୍ତି ଯେ, ଗାଡ଼ି ନିୟମିତ ଭାବେ ଯାଞ୍ଚ କରାଯାଉଛି। ହଠାତ୍ ଯାନ୍ତ୍ରୀକ ତ୍ରୁଟି ଦେଖା ଦେବାରୁ ଏହି ସମସ୍ୟା ହେଲା।

# 'ମୋ ସରକାର' ନେଇ ଲୋକଙ୍କ ସହ ଆଲୋଚନା

**ଦିଗପହଣ୍ଡି,୧୮।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ଗୁରୁବାର ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ, କେ. ନୂଆଗାଁ ଥାନା ଆଇଆଇସି ମାଧବାନନ୍ଦ ନାୟକ ସଦଳବଳ ପହଞ୍ଚି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାର ସୁଫଳ ଲୋକେ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ଲୋକଙ୍କୁ ମୋ ସରକାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ପରେ ଗ୍ରାମର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଉପସ୍ଥିତ ଥିବା ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶ୍ରୀନିବାସ ଷଡଙ୍ଗୀଙ୍କ ସହ ରୋଗୀ ସେବା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ପରେ ରୋଗୀ ପଞ୍ଜୀକରଣ ପୁସ୍ତିକା ଯାଞ୍ଚ କରିଥିଲେ। ଉପସ୍ଥିତ ସରପଞ୍ଚ ପୀତାମ୍ବର ଗୌଡ ଓ ବହୁ ସଂଖ୍ୟକ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ଚିକିତ୍ସା ସେବା ଓ ନିରାମୟ ଯୋଜନାରେ ମାଗଣାରେ ଔଷଧ ଦିଆଯାଉଛି କି ନାହିଁ ପଚାରି ମତାମତ ରେକର୍ଡ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ରୋଗୀମାନଙ୍କ ଗାଁକୁ ଯାଇଥିଲେ। ପୋଲିସ ଟିମ ଫାଶୀବନ୍ଧ ଗାଁକୁ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇ ଫେରିଥିବା ରୋଗୀ କମଳା ଗୌଡ, ଏସ. ଟିକରପଡା ଗାଁର ବିଜୟ ଗୌଡ, ଭୀଷ୍ମଗିରିର କୁନ୍ତୀ ମହାନ୍ତି, ଅଜୟ ବେହେରାଙ୍କୁ ନିରାମୟ ଯୋଜନାରେ ମାଗଣା ଔଷଧ ମିଳିଛି କି ନାହିଁ ପଚାରି ବୁଝିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚ ଓ ଗ୍ରାମବାସୀଙ୍କ ସହ ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ସବିଶେଷ ତଥ୍ୟ ଓ ମତାମତ ରେକର୍ଡ କରି ଫେରିଥିଲେ। ସେହିପରି ସନ୍ଧ୍ୟାରେ ବମୋକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିଟି ଏସ୍‌ଡିପିଓଙ୍କ ନେତୃତ୍ୱରେ ପୋଲିସ ଟିମ ପହଞ୍ଚି ଉପସ୍ଥିତ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ବିଜୟ କୁମାର ନାୟକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନିରାମୟ ଯୋଜନାରେ କେତେ ପରିମାଣର ଔଷଧ ଆସିଥିଲା କେତେ ବଣ୍ଟନ ହୋଇଛି ରିପୋର୍ଟ ସଂଗ୍ରହ କରି ଫେରିଥିଲେ।

# ଗଞ୍ଜାମରେ ନୂଆ ୧୨ ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତି

**ଛତ୍ରପୁର,୧୮।୧୦(ଡି.ଏନ.ଏ)**

ଗଞ୍ଜାମ ଜିଲାର ବିଭିନ୍ନ ହସ୍ପିଟାଲରେ ୧୨ ନୂଆ ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତି ମିଳିଛି। ଏହି ଡାକ୍ତରମାନେ ବିଭିନ୍ନ ମେଡିକାଲ କଲେଜରୁ ନିକଟରେ ପିଜି ପାଶ୍ କରିବା ପରେ ନିଯୁକ୍ତି ପାଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୧୭ତାରିଖରେ ଆସିଥିବା ଚିଠି (ନଂ.୨୫୯୩୨)ରୁ ଏହା ଜଣାପଡିଛି। ୧୧୬ ନୂତନ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସେଥିରୁ ୧୨ ଜଣ ଗଞ୍ଜାମ ଜିଲା ପାଇଁ ରହିଛନ୍ତି। ଭଞ୍ଜନଗର ହସ୍ପିଟାଲ ନିମନ୍ତେ ଚକ୍ଷୁ ବିଶେଷଜ୍ଞ ଚନ୍ଦନ କୁମାର ମେକାପ, ଇଏନ୍‌ଟି ବିଶେଷଜ୍ଞ ସତ୍ୟ ରଞ୍ଜନ ମହାପାତ୍ର ଓ ଡା. ରଶ୍ମିତା ବେହେରାଙ୍କୁ ନିଯୁକ୍ତି ମିଳିଛି। ସେହିପରି ଛତ୍ରପୁର ହସ୍ପିଟାଲକୁ ଭେଷଜ ବିଶେଷଜ୍ଞ ସୁଶାନ୍ତ କୁମାର ନାହକ, ହିଞ୍ଜିଳି ହସ୍ପିଟାଲକୁ ଭେଷଜ ବିଶେଷଜ୍ଞ ସୌମ୍ୟ ରଞ୍ଜନ ମହାନ୍ତି, ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସର୍ଜରୀ ବିଶେଷଜ୍ଞ ସତିଶ କୁମାର ପାତ୍ର, ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସର୍ଜରୀ ବିଶେଷଜ୍ଞ ଇତିଶ୍ରୀ ଦାସ ଓ ଶିଶୁ ବିଶେଷଜ୍ଞ ମିନାକ୍ଷୀ କୁମାରୀ ସାହୁଙ୍କୁ ନିଯୁକ୍ତି ମିଳିଛି। ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସର୍ଜରୀ ବିଶେଷଜ୍ଞ ପଞ୍ଚାନନ ପାଣିଗ୍ରାହୀ, କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶିଶୁ ବିଶେଷଜ୍ଞ ସୁଜିତ କୁମାର ବେହେରା, ବ୍ରହ୍ମପୁର ସିଟି ହସ୍ପିଟାଲକୁ ଡା. ବାପୁ ନାୟକ, ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ ବିଶେଷଜ୍ଞ କେଦାରନାଥ ପରିଜାଙ୍କୁ ନିଯୁକ୍ତି ମିଳିଛି।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଛତ୍ରପୁର ହସ୍ପିଟାଲରେ ଦୀର୍ଘ ଦିନ ହେଲା ଭେଷଜ ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିଲା। ଏବେ ଏଠାରେ ନୂଆ ଭେଷଜ ବିଶେଷଜ୍ଞଙ୍କୁ ନିଯୁକ୍ତି ମିଳିଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା କୃତଜ୍ଞତା ଜଣାଇଛନ୍ତି। ବିଧାୟକ ବେହେରା ପୂର୍ବରୁ ଡାକ୍ତର ପଦବୀ ପୂରଣ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ସେହିପରି ଡାକ୍ତର ପଦବୀ ପୂରଣ ନେଇ ୟୁଥ୍ ମାସ ସେବା ସଂଘର ସମ୍ପାଦକ ସୟଦ ମୁକ୍ତାର ମଧ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରତିଭା ଖୋଜିବା ପାଇଁ ସୁରଭି

**ଭଞ୍ଜନଗର,୧୮।୧୦(ଡି.ଏନ.ଏ)**

ଭଞ୍ଜନଗର ବ୍ଲକର ବିଭିନ୍ନ କ୍ଲଷ୍ଟରରେ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ସୁରଭି କାର୍ଯ୍ୟକ୍ରମ ହେଉଛି। ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଭା ମାନଙ୍କୁ ଖୋଜି ବାହାର କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ହେଉଛି। ଶୁକ୍ରବାର ଲାଲସିଂ କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ ଲାଲସିଂ କାହ୍ନୁ ରାଉତ ହାଇସ୍କୁଲରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ପ୍ରଧାନ, ସିଆରସିସି ବୃନ୍ଦାବନ ସେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମୁଜାଗଡ ହାଇସ୍କୁଲରେ ଅନୁଷ୍ଠିତ ପ୍ରତିଯୋଗୀତାରେ ସାମାଜିକକର୍ମୀ ଶୁଳପାଣି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସାବିତ୍ରୀ ମହିଳା କଲେଜ ବରିଷ୍ଠ କର୍ମଚାରୀ ପଞ୍ଚାନନ ପାଳ, ହାଟସାହି ସ୍କୁଲର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ଭଗବାନ ଭୂୟାଁ ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତିମାଳା ପ୍ରିୟଦର୍ଶିନୀ ସଭା ସଂଯୋଜନା କରିଥିଲେ। ଡୁମାକୁମ୍ପା କ୍ଲଷ୍ଟରର ପ୍ରତିଯୋଗିତା ସାର୍ଦ୍ଦୁଳ ହାଇସ୍କୁଲରେ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ତ୍ରିନାଥ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ହାଇୱା ଶୋ'ରୁମ କର୍ମଚାରୀଙ୍କ ମୃତ୍ୟୁ ଘଟଣା
# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ବିକ୍ଷୋଭ


ଶୋ'ରୁମ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି ଗ୍ରାମବାସୀ।

**ଗୋପାଳପୁର,୧୮।୧୦**

୧୬ନଂ ଜାତୀୟ ରାଜପଥ ଗୋପାଳପୁର ଜଙ୍କଶନ ନିକଟରେ ଥିବା ଭାରତ ବେଞ୍ଜ ହାଇୱା ଶୋ'ରୁମର ପିଅନ ଏ. ସନ୍ତୋଷ ରାଓ ଗୁରୁବାର ସିଲିଙ୍ଗରୁ ଖସିପଡ଼ି ପ୍ରାଣ ହରାଇଥିଲେ। ଶୁକ୍ରବାର ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ସନ୍ତୋଷଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ସମେତ ଡୁରା ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ଲୋକ କମ୍ପାନୀ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ଗୋପାଳପୁର ଥାନା ଏସ୍‌ଆଇ ଜ୍ଞାନ ସାହୁ, ଫାଣ୍ଡି ଅଧିକାରୀ ଏ. ଶଙ୍କର ରାଓ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। କମ୍ପାନୀ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଅଡ଼ି ବସିଥିଲେ। ଶେଷରେ କମ୍ପାନୀ ଓ ଶୋ' ରୁମ ମାଲିକ ୩ ଦିନ ମଧ୍ୟରେ ମୃତକଙ୍କ ପରିବାରକୁ ୯ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ, ଡୁରା ଗ୍ରାମର ସନ୍ତୋଷଙ୍କ ପରିବାର ଗରିବ ଶ୍ରେଣୀର। ସନ୍ତୋଷ ସିଲିଙ୍ଗ ଉପରେ ରହି କାମ କରୁଥିବା ବେଳେ ଅସାବଧାନତାରୁ ଗୋଡ଼ ଖସି ଚଟାଣରେ ପଡ଼ି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# କ୍ଷମତା ଏକ୍ସପ୍ରେସ ଶିବିର



ଶିବିରରେ ଉପସ୍ଥିତ ବ୍ଲକ ଅଧକ୍ଷ ଓ ଅନ୍ୟମାନେ।

**ଛତ୍ରପୁର,୧୮।୧୦(ଡି.ଏନ.ଏ.)**

ଛତ୍ରପୁର ସିଡିପିଓ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କ୍ଷମତା ଏକ୍ସପ୍ରେସ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଯୋଗଦେଇ ଶିବିରର ତାତ୍ପର୍ଯ୍ୟ ଉପରେ କହିଥିଲେ । ଶିବିରରେ ଭିନ୍ନକ୍ଷମ ଚିହ୍ନଟ, ଶିଶୁମାନଙ୍କର ଶାରିରୀକ ଅକ୍ଷମତା ନିରୂପଣ, ଦୃଷ୍ଟିଶକ୍ତି ଆଦି ନିରୂପଣ କରାଯାଇଥିଲା। ଏହି ଅବସରରେ କ୍ଷମତା ଏକ୍ସପ୍ରେସ ବସକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ଏହି ବସ ଜିଲାରେ ସବୁ ବ୍ଲକରେ ବୁଲିବ। ଭୁବନେଶ୍ୱର ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନସେସ୍ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ଡିଏସଏସଓ ଶୁଭ୍ରାଂଶୁ ଶେଖର ମହାରଣା, ପଞ୍ଚାନନ ପଣ୍ଡା, ବ୍ଲକ ଉପାଧକ୍ଷା ଅମିତା ସାହୁ, କ୍ୟାମ୍ପ ମ୍ୟାନେଜର ଡ.ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ମୃତ୍ୟୁ ପରେ ରାସ୍ତାରୋକୋ
## ଅବରୋଧକାରୀଙ୍କ ନାଁରେ ମାମଲା

**ଗୋପାଳପୁର,୧୮।୧୦**

ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ରଣ୍ଡା ଛକ ନିକଟରେ ବୁଧବାର ଭୋରରେ ରାସ୍ତା ପାର୍ ହେଉଥିବା ଚିକରଡ଼ା ଗ୍ରାମର ମହିଳା ପରିବା ବ୍ୟବସାୟୀ କନକ ବେହେରାଙ୍କୁ ମାଲ ବୋଝେଇ ଟ୍ରକ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। କନକଙ୍କ ପରିବାରକୁ କ୍ଷତିପୂରଣ ସହ ଓଭରବ୍ରିଜ ନିର୍ମାଣ ଦାବି ନେଇ ଚିକରଡ଼ା ଗ୍ରାମବାସୀ ଜାତୀୟ ରାଜପଥରେ ଟାୟାର ଜାଳି ୫ ଘଣ୍ଟା ରାସ୍ତାରୋକୋ କରିଥିଲେ। ଜାତୀୟ ରାଜପଥ ଅବରୋଧ ନେଇ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁରେ ଗୋଳନ୍ଥରା ଥାନା ପୋଲିସ ନଂ.୨୫୬/୧୯ରେ ମାମଲା ରୁଜୁ କରିଛି। ରାସ୍ତା ଅବରୋଧ କରିଥିବା ଲୋକଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବାବୁଲି ନାୟକ ସୂଚନା ଦେଇଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲେ କମାପଲ୍ଲୀବାସୀ

**ଛତ୍ରପୁର,୧୮।୧୦(ଡି.ଏନ.ଏ)**

ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତର କମାପଲ୍ଲୀ ଗାଁରେ ବିଭିନ୍ନ ସମସ୍ୟା ଲାଗିରହିଛି। ଏହାର ସମାଧାନ ପାଇଁ ଶୁକ୍ରବାର ଗ୍ରାମବାସୀ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗାଁର ୮୦ ପ୍ରତିଶତ ଲୋକ ଦଳିତ, ଛୋଟ, ଭାଗ ଚାଷୀ ଓ କୃଷି ଶ୍ରମିକ ଥିବା କୁହାଯାଇଛି। ଚାଷକାମ ଓ ଦିନ ମଜୁରି ଲାଗି ଏମାନେ ପରିବାର ପ୍ରତିପୋଷଣ କରନ୍ତି। ଗାଁରେ ଜଳସେଚନ ସୁବିଧା ନ ଥିବାରୁ ପନିପରିବା ଚାଷ ସମେତ ଅନ୍ୟାନ୍ୟ ଚାଷ ହେବାରେ ସମସ୍ୟା ଦେଖାଯାଉଛି । ଏଣୁ ଜଳସେଚନ ସୁବିଧା କରିବା ସହ ସୋଲାର ପମ୍ପ ଲଗାଇବା ପାଇଁ ଏମାନେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ସେହିପରି ଗାଁ ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲକୁ ଗ୍ରାମବାସୀମାନେ ମୃତ୍ତିକା ସଂରକ୍ଷଣ ବିଭାଗ ଜରିଆରେ କାଜୁଚାରା ରୋପଣ କରିଥିଲେ । କାଜୁ ଗଛରେ ଫଳ ଆସିଲେ ଗାଁବାସୀଙ୍କୁ ଲିଜ ଦେବା ପାଇଁ ଏମାନେ କହିଛନ୍ତି। ମାତ୍ର କାଜୁ ନିଗମ ବାହାର ଲୋକଙ୍କୁ ଲିଜ ଦେଇ ଅଧିକାର ଛଡାଇ ନେଇଛି ବୋଲି ଗାଁବାସୀ ଅଭିଯୋଗ କରିଥିଲେ। ସମିତିସଭ୍ୟ ଭାଗୀରଥି ବେହେରା, ଜି. ନରସିଂହ ପାତ୍ର, ବୁଦ୍ଧିଆ ପ୍ରଧାନ, ଗୌରା ନାୟକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ୨୦ରେ ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ

- ଆଜି ବ୍ଲକସ୍ତରୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତା

**ଭଞ୍ଜନଗର,୧୮।୧୦(ଡି.ଏନ.ଏ)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ସଂସଦ ପକ୍ଷରୁ ୨୦ ତାରିଖରୁ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ୫୦ତମ ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର କଲେଜରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ଅଧ୍ୟକ୍ଷତା କରିଥିଲେ। ଟୁର୍ନାମେଣ୍ଟରେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୨୦ଟି କଲେଜ ଯୋଗଦେବାକୁ ସମ୍ମତି ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ କିଭଳି ସଫଳ ହେବ ସେନେଇ ଅଧ୍ୟକ୍ଷ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କ୍ରୀଡା ସଂସଦ ଉପ ସଭାପତି ଡ. ପୀତବାସ ପାଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଦାମୋଦର ଷଡ଼ଙ୍ଗୀ, ଡ.ରବୀନ୍ଦ୍ର କୁମାର ମିଶ୍ର, ପି. ରମେଶ, ମୁଖ୍ୟ କିରାଣି ଏସ୍. ଛାୟା ରାଓ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଟୁର୍ନାମେଣ୍ଟ ସଫଳ କରିବାକୁ ଗଠିତ କମିଟିରେ ଅଧ୍ୟାପିକା ଅଧ୍ୟାପକମାନେ ଅଛନ୍ତି। ସେହିଭଳି ମୁଜାଗଡ ହାଇସ୍କୁଲରେ ଶନିବାର ବ୍ଲକସ୍ତରୀୟ ସ୍କୁଲ କ୍ରୀଡା ପ୍ରତିଯୋଗିତା ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏବିଇଓ ସୂର୍ଯ୍ୟ ନାୟକ ଅଧ୍ୟକ୍ଷତା କରିଥିଲେ।

### ପଞ୍ଚାୟତ ସମିତି ବୈଠକ
# ନିମ୍ନମାନର ଛତୁଆ ଯୋଗାଣକୁ ନେଇ ଅସନ୍ତୋଷ

**ପୁରୁଷୋତ୍ତମପୁର,୧୮।୧୦(ଡି.ଏନ.ଏ.)**



ମଞ୍ଚାସୀନ ଅତିଥି।

ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ବ୍ଲକ ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇଥିଲେ। ବୈଠକରେ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଯୋଗାଇ ଦିଆଯାଉଥିବା ନିମ୍ନମାନର ଛତୁଆ ପ୍ରସଙ୍ଗ ଉଠିଥିଲା। ଗତ ବୈଠକରେ ଏହି ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ଜନ ପ୍ରତିନିଧିମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ଏ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଥିଲା। ସେହିପରି କେତେକ ଅଙ୍ଗନୱାଡି କେନ୍ଦ୍ରର ଗୃହ ନ ଥିବାରୁ ସମସ୍ୟା ଦେଖାଦେଉଥିବା, ପୁରୁଷୋତ୍ତମପୁର ଓ ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନ ଥିବା ଅଭିଯୋଗ କରାଯାଇଥିଲା। ଏଥିସହ ଶିକ୍ଷା, କୃଷି, ଯୋଗାଣ ବିଭାଗ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ପରିଷଦ ଉପାଧକ୍ଷା ସ୍ନେହଲତା ପଣ୍ଡା, ବ୍ଲକ ଉପାଧକ୍ଷା ବବିତା ରାଉଳ, ଖଲ୍ଲିକୋଟ ବିଧାୟିକାଙ୍କ ପ୍ରତିନିଧି ସୁଭ୍ରାଂଶୁ ଶେଖର ସାବତ, ବିଡିଓ ସୀମାଞ୍ଚଳ ମହାନ୍ତି, ସମିତିସଭ୍ୟ ନିର୍ମଳ ଚନ୍ଦ୍ର ସାହୁ, ଭବାନୀ ଶଙ୍କର ପଣ୍ଡା, ମନୋଜ କୁମାର ଭୂୟାଁ, ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ଶତପଥୀ, ଗୋପାଳକୃଷ୍ଣ ସେଠୀ, ଛବିଳତା ନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ଅକ୍ଟୋବର ୧୯/୨୦୧୯ Berhampur, Saturday, October 19/ 2019

## ସଂକ୍ଷେପରେ

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବୁଗୁଡ଼ା,୧୮।୧୦(ଡି.ଏନ.ଏ.): ବୁଗୁଡ଼ା ପିପୁଲ୍ଲ ହାଇସ୍କୁଲ ମିନି ଷ୍ଟାଡିୟମ୍‌ରେ ୧୭ ଓ ୧୪ ବର୍ଷରୁ କମ ଛାତ୍ରୀଛାତ୍ରମାନଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାକୁ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ କର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା ଓ ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଓ ପୀତାମ୍ବର ବିଶୋୟୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ୨ ଶହ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ପରିଚାଳନାରେ ବି. ଗୋପାଳ ଚନ୍ଦ୍ର ପାତ୍ର, ବିଶ୍ୱେଶ୍ୱର ଗିରି, ଅମର ସାହୁ, ବିକ୍ରମ ବେହେରା, ସସ୍ମିତା ଜେନାଙ୍କ ସମେତ ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ ।

### ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ବେଗୁନିଆପଡ଼ା, ୧୮।୧୦(ଡି.ଏନ.ଏ.): ବେଗୁନିଆପଡ଼ା ବ୍ଲକର ଅଙ୍ଗାରଗାଁ ପଞ୍ଚାୟତରେ ଶୁକ୍ରବାର ବିଡିଓ ପ୍ରଦୀପ କୁମାର ପଣ୍ଡା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସିଡିପିଟିଏଫ୍ ଯୋଜନାରେ ୭ ଲକ୍ଷ ୩୨ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଧାନଖଳା ଓ ଆମ ଗାଁ ଆମ ବିକାଶ ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ବ୍ଲକ ଉପାଧ୍ୟକ୍ଷ ଭ୍ରମର ଭୂୟାଁ, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ା, ସରପଞ୍ଚ ସରୋଜ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ପି.ସୁରେଶ କୁମାର, ସୀମାଞ୍ଚଳ ବେହେରା ଉପସ୍ଥିତ ଥିଲେ।

### ଅଙ୍ଗନୱାଡି ଶିଶୁଙ୍କୁ ପାଚିକାଙ୍କ ନିର୍ଯାତନା ଅଭିଯୋଗ

ଚିତ୍ରଡ଼ା,୧୮।୧୦(ଡି.ଏନ୍.ଏ.): ଜଣେ ଅଙ୍ଗନୱାଡି ଶିଶୁଙ୍କୁ ପାଚିକା ଉଠବସ କରାଇବା ସହ ବାଉଁଶ କଣିରେ ପିଟି ଆହତ କରିଥିବା ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁ ପଞ୍ଚାୟତର ଜାମୁଗଧା ଗ୍ରାମର ଜଣେ ବ୍ୟକ୍ତି ଏନେଇ ଶୁକ୍ରବାର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କଠାରେ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ କହିଛନ୍ତି, ତାଙ୍କର ୪ ବର୍ଷର ପୁଅ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଛନ୍ତି। ଗତ ୧୭ ତାରିଖରେ ସେ ଅଙ୍ଗନୱାଡି ଯାଇଥିବା ବେଳେ ପ୍ୟାଣ୍ଟରେ ଝାଡ଼ା କରି ଦେଇଥିଲେ। ଅଙ୍ଗନୱାଡି କର୍ମୀଙ୍କ ଅନୁପସ୍ଥିତିରେ ପାଚିକା ତାଙ୍କୁ କାନ ଧରି ୫୦ ଥର ଉଠବସ ହେବାକୁ କହିଥିଲେ। ପିଲାଟି ୧୪ରୁ୧୫ ଥର ଉଠବସ ହେଲାପରେ ତଳେ ପଡ଼ି ଯାଇଥିଲେ। ରାଗିଯାଇ ପାଚିକା ତାଙ୍କୁ ବାଡ଼ିରେ ପିଟିଥିଲେ। ପିଲାଟି ଘରେ ଜଣାଇବା ପରେ ତାଙ୍କୁ କିଷାନତାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା।

## ଫୁଲବାଣୀ-ଫିରିଙ୍ଗିଆ ୩୩ କେଭି ନୂତନ ଫିଡର

# କାମ ସରୁନି, ଲୋକେ ହନ୍ତସନ୍ତ

ଫିରିଙ୍ଗିଆ,୧୮।୧୦


ପୁରୁଣା ଫିଡର।

ଫୁଲବାଣୀର ୧୩୨ ଗ୍ରୀଡରୁ ଫିରିଙ୍ଗିଆ ପର୍ଯ୍ୟନ୍ତ ହେଉଥିବା ୩୩ କେଭିଏ ନୂତନ ଫିଡର କାର୍ଯ୍ୟ ସରିବାକୁ ନାଁ ଧରୁନି। ଫଳରେ ପୁରୁଣା ଫିଡରରେ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଗୋଟିଏ ସ୍ଥାନରେ ଅସୁବିଧା ହେଲେ ଫିଡର ଉପରେ ନିର୍ଭର କରୁଥିବା ୬ଟି ବ୍ଲକରେ ବିଦ୍ୟୁତ୍ କାଟ କରିବାକୁ ପଡୁଛି। ନୂତନ ଫିଡର କାମ ତୁରନ୍ତ ଶେଷ କରିବାକୁ ସାଧାରଣ ଲୋକେ ବିଦ୍ୟୁତ୍ ବିଭାଗ ପାଖରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନାହିଁ।

ଫିରିଙ୍ଗିଆରେ ପୁରୁଣା ଫିଡର ଉପରେ ଫିରିଙ୍ଗିଆ, କ.ନୂଆଗାଁ, ସାରଙ୍ଗଗଡ, ଡହପଦର, ବାଲିଗୁଡା, ତୁମୁଡିବନ୍ଧ, କୋଟଗଡ, ଦାରିଙ୍ଗିବାଡି ବ୍ଲକର ଲୋକେ ନିର୍ଭର କରନ୍ତି। ସମସ୍ତ ପାୱାର ଟ୍ରାନ୍ସଫର୍ମର ଗୋଟିଏ ଫିଡର ଉପରେ ନିର୍ଭର କରୁଥିବାରୁ ଅଧିକାଂଶ ସମୟରେ ସମସ୍ୟା ସୃଷ୍ଟି ହୋଇଥାଏ। ଏହାକୁ ଦୂରେଇବା ପାଇଁ ଆଉ ଦୁଇଟି ୩୩ କେଭିଏ ନୂଆ ସବ୍‌ଷ୍ଟେଶନ କାର୍ଯ୍ୟ ନୂଆପଦର, ଗୋଛାପଡା ପାଖରେ ଚାଲୁଛି। ଏହି ସବ୍‌ଷ୍ଟେଶନ ପାଇଁ ଆଉ ଗୋଟିଏ ନୂତନ ଫିଡର କାର୍ଯ୍ୟର ଟେଣ୍ଡର ପାଇ ୫ ବର୍ଷ ହେବ ଗୁପ୍ତା ପାୱାର ନାମକ ଏକ କମ୍ପାନୀ କାର୍ଯ୍ୟ କରୁଛି। ହେଲେ ତାହା ଅଧାପନ୍ତରିଆ ଅବସ୍ଥାରେ ରହିଛି। ଫୁଲବାଣୀ ଗ୍ରୀଡରୁ ଫିରିଙ୍ଗିଆ ପର୍ଯ୍ୟନ୍ତ ୬୦୦ଟି ଖୁଣ୍ଟ ଦରକାର ହେଉଥିବାବେଳେ କମ୍ପାନୀ ୩୦୦ ଖୁଣ୍ଟ ପୋତିଛି। ପ୍ରାୟ ୨ ବର୍ଷ ହେବ ଆଉ କାର୍ଯ୍ୟ ହେଉନାହିଁ। ଏ ନେଇ ଫିରିଙ୍ଗିଆ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଜୟଦେବ ସାହୁଙ୍କୁ ପଚାରିବାରୁ ମୁଁ ସବିଶେଷ କହି ପାରିବି ନାହିଁ ବୋଲି କହିଛନ୍ତି। ଅପରପକ୍ଷେ ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ କାର୍ତ୍ତିକ ଚନ୍ଦ୍ର ଦାସ ଆସନ୍ତା ମାସେ ଦୁଇ ମାସ ଭିତରେ କାର୍ଯ୍ୟ ସରିବ ବୋଲି ପ୍ରକାଶ କରିଛନ୍ତି।

## ତିଲୋରୀରେ ଆରମ୍ଭ ହେଲା ବିଏସ୍ଏନ୍ଏଲ୍ ସେବା

# ନଳକୂପ ପାଇପରୁ ନିର୍ମାଣ ହେଲା ଟାୱାର

ଦାରିଙ୍ଗବାଡ଼ି,୧୮।୧୦(ଡି.ଏନ.ଏ)


ନଷ୍ଟ ନଳକୂପ ପାଇପରେ ଟାୱାର ନିର୍ମାଣ କରାଯାଇଛି।

ଦାରିଙ୍ଗବାଡ଼ି ବ୍ଲକ ତିଲୋରୀ ପଞ୍ଚାୟତରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ବିଏସ୍ଏନ୍ଏଲ୍ ମୋବାଇଲ ସେବାର ଶୁଭାରମ୍ଭ ହୋଇଯାଇଛି। ଏହି ସେବା ତିଲୋରୀର ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଲୋକ ପାଇବେ। ଅଞ୍ଚଳବାସୀ ମୋବାଇଲ ସେବା ପାଇଁ ଦୀର୍ଘଦିନ ହେଲା ଦାବି କରିଆସୁଥିଲେ ମଧ୍ୟ ହୋଇପାରୁନଥିଲା। ପଞ୍ଚାୟତ ପକ୍ଷରୁ ସରପଞ୍ଚ ବିଷ୍ଣୁଚରଣ ପ୍ରଧାନ ଜିଲା ଅଧିକାରୀଙ୍କ ସହ ଆଲୋଚନା କରି ନିଜସ୍ୱ ଉଦ୍ୟମରେ ଏକ ଟାୱାର ନିର୍ମାଣ କରିଥିଲେ। ସେଠାରେ ବିଭାଗ ମୋବାଇଲ ସେବା ପାଇଁ ଆବଶ୍ୟକ ଯନ୍ତ୍ରପାତି ଲଗାଇ କାର୍ଯ୍ୟକ୍ଷମ କରି ଲୋକଙ୍କୁ ସେବା ଯୋଗାଇ ଦେଇଛି। ପଞ୍ଚାୟତ ଅଧୀନରେ ରହିଥିବା ନଳକୂଅ ମରାମତିରୁ ବାହାରିଥିବା ଖରାପ ପାଣି ପାଇପ୍ ଗୁଡ଼ିକୁ ନେଇ ଏହି ଟାୱାର ତିଆରି କରାଯାଇଛି। ଏହା ତିଆରି ପାଇଁ ମାତ୍ର ୨୫ ହଜାରଟଙ୍କା ଖର୍ଚ୍ଚ ହୋଇଥିବା ସରପଞ୍ଚ ବିଷ୍ଣୁଚରଣ ପ୍ରଧାନ କହିଛନ୍ତି। ଏନେଇ ସେ ବିଏସଏନଲର ଜିଲା ଅଧିକାରୀ ଏବଂ ବାଲିଗୁଡ଼ା ଉପଖଣ୍ଡ କାର୍ଯ୍ୟାଳୟର ଅଧିକାରୀ, କନ୍ଧମାଳ ଜିଲାପାଳ ଡ.ବୃନ୍ଦା ଡି ଏବଂ ଦାରିଙ୍ଗବାଡ଼ି ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କୁ ସାଧୁବାଦ ଜଣାଇଛନ୍ତି।

# ରାସ୍ତା ମରାମତି ଦାବିରେ ରାସ୍ତାରୋକୋ


ଆନ୍ଦୋଳନକାରୀ ଛାତ୍ରଙ୍କ ସହ ଆଲୋଚନା ଚାଲିଛି।

ଆସିକା,୧୮।୧୦(ଡି.ଏନ୍.ଏ.)

ଆସିକା-କବିସୂର୍ଯ୍ୟନଗର ମୁଖ୍ୟ ରାସ୍ତାର କଲେଜ ଛକ ଠାରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଆସିକା କଲେଜର ଛାତ୍ରଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା। ଏହି ରାସ୍ତାର ତୁରନ୍ତ ମରାମତି ଦାବିରେ ଛାତ୍ରମାନେ ରାସ୍ତାରୋକୋ କରିଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାତ୍ରଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଆସିକା ଠାରୁ କବିସୂର୍ଯ୍ୟନଗର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତାରେ ଯାତାୟାତ କରୁଥିବା କଲେଜ ଛାତ୍ରୀଛାତ୍ର ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେବେ ଅପରାହ୍ନରେ ଆସିକା ପୋଲିସ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ପୂର୍ତ୍ତ ବିଭାଗ କର୍ମଚାରୀ ଓ ଆନ୍ଦୋଳନକାରୀଙ୍କୁ ନେଇ ପୋଲିସ ଉପସ୍ଥିତିରେ ଏକ ବୈଠକ ବସିଥିଲା। ତୁରନ୍ତ ରାସ୍ତାକାମ କରାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଉପଖଣ୍ଡ ପୋଲିସ ଅଧିକାରୀ ସୂର୍ଯ୍ୟମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାରେ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସତୀଶ କୁମାର ପଟ୍ଟନାୟକ ଏବଂ ଛାତ୍ର ପ୍ରତିନିଧି ଶିବଶଙ୍କର ଦୋରା, ହରିକୃଷ୍ଣ ନାହାକ, କିଶୋର କୁମାର ସ୍ୱାଇଁ, ଅଜିତ୍ କୁମାର ପାଣିଗ୍ରାହୀ, ହିମାଂଶୁ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

## ମୋହରିରଙ୍କ ଚାଳିଆ ଭଙ୍ଗା ଘଟଣା

# ଅତିରିକ୍ତ ଜିଲାପାଳଙ୍କ ତଦନ୍ତ ଆରମ୍ଭ

ସଜନାଗଡ଼, ୧୮।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରିରେ ମୋହରିରଙ୍କ ଚାଳିଆ ଭଙ୍ଗା ନେଇ ପୂର୍ବରୁ ତୁମ୍ଫିତୋଫାନ ଉଠିଥିଲା। ଘଟଣାକୁ ନେଇ ନୀଳଗିରି ତହସିଲଦାର ଓ ବିଧାୟକ ସାମ୍ନାସାମ୍ନି ହେବା ସହ ମାମଲା ଯାଇ ଥାନାରେ ପହଞ୍ଚିଥିଲା। ଏହାପରେ ଭଙ୍ଗା ଚାଳିଆରେ ମୋହରିରମାନେ କିପରି ବସିବେ ଏନେଇ ପ୍ରଶ୍ନ ଉଠିଥିଲା। ପରେ ତାଙ୍କୁ ଏକ ଶୌଚାଳୟ ନିକଟରେ ନୂତନ ସ୍ଥାନରେ ଗୃହ ନିର୍ମାଣ କରି ଥଇଥାନ କରିବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ଏନେଇ ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱର ଅତିରିକ୍ତ ଜିଲାପାଳ ଚାଳିଆ ଭଙ୍ଗାସ୍ଥଳକୁ ଆସି ବୁଲିଯିବା ସହ ମୋହରିରମାନଙ୍କ ସହ ଆଲୋଚନା କରିଛନ୍ତି। ତେବେ ନୀଳଗିରି ଉପଜିଲାପାଳ ହରିଶ୍ ଚନ୍ଦ୍ର ଜେନାଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ସିପିଏମ୍‌ର ପ୍ରତିବାଦ ସଭା

ଆସିକା,୧୮।୧୦(ଡି.ଏନ୍.ଏ.)

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବେପରୁଆ ନୀତି ଯୋଗୁ ଆଜି ଦେଶରେ ଅର୍ଥନୀତିରେ ମାନ୍ଦାବସ୍ଥା, ଦରଦାମ ବୃଦ୍ଧି, ବେକାରୀ ବୃଦ୍ଧି, ଗଣତନ୍ତ୍ର ସମ୍ବିଧାନ ଓ ଧର୍ମନିରପେକ୍ଷତା ଉପରେ ଲଗାତର ଆକ୍ରମଣ ଜାରି ରହିଛି। ଏହାକୁ ପ୍ରତିହତ କରିବା ଲାଗି ସଚେତନ ବର୍ଗ ସଂଗଠିତ ହେବା ଲାଗି ସିପିଏମ୍ ପକ୍ଷରୁ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ଆହ୍ୱାନ କରାଯାଇଛି। ଶୁକ୍ରବାର ମଧ୍ୟାହ୍ନରେ ସ୍ଥାନୀୟ ଖମ୍ବେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ବୈଠକରେ ଶ୍ରମିକ ନେତା ପ୍ରଫୁଲ୍ଲ ରାଓ ଅଧ୍ୟକ୍ଷତା କରିଥିଲେ। ସିପିଏମ୍ ଜିଲା ସମ୍ପାଦକ କୈଳାସ ଷଡଙ୍ଗୀ ଓ ଆସିକା ଜୋନ୍ ସମ୍ପାଦକ ଲକ୍ଷ୍ମଣ ପାଢ଼ୀ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଭୁଲ ନୀତି ଯୋଗୁ ଦେଶର ଅର୍ଥନୀତିରେ ଘୋର ଶଙ୍କଟ ଅବସ୍ଥା ସାଙ୍ଗକୁ ଶିଳ୍ପ, ପରିବହନ, ନିର୍ମାଣ, ନିର୍ମାଣ ଶିଳ୍ପ ଆଦି କ୍ଷେତ୍ରରେ ମାନ୍ଦାବସ୍ଥା ଯୋଗୁ ଲକ୍ଷ ଲକ୍ଷ ଶ୍ରମିକ ଛଟେଇ ହୋଇ ଦୁର୍ଦ୍ଦିନରେ କାଳ କାଟୁଥିବା କହିଥିଲେ।



ପ୍ରତିବାଦ ସଭାରେ ସିପିଏମ୍ ନେତାମାନେ।

# ସୁରକ୍ଷା ଦାବିରେ ଧାରଣା

ଧାମନଗର, ୧୮।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବିଡିଓଙ୍କୁ ଜଣେ ଯୁବକ ଗୁରୁବାର କାର୍ଯ୍ୟାଳୟରେ ପଶି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶୁକ୍ରବାର ବ୍ଲକ ଏବଂ ତହସିଲ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ସୁରକ୍ଷା ଦାବି କରିଥିଲେ। ଗୁରୁବାର ଅପରାହ୍ନରେ ଏହି ଘଟଣା ଘଟିବା ପରେ ଧାମନଗର ଥାନାରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ କରି ବ୍ଲକ, ତହସିଲ ଏବଂ ଆର୍‌ଆଇ ଅଫିସ୍‌ର କର୍ମଚାରୀମାନେ ଧାରଣାରେ ସାମିଲ ହୋଇଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ। ଏହି ଘଟଣାରେ ଥାନାରେ ଏକ ମାମଲା(ନଂ.୨୨୩/୧୯) ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି। ତେବେ ବିଡିଓଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଘଟଣାକୁ ସ୍ଥାନୀୟ ବିଧାୟକ ବିଷ୍ଣୁଚରଣ ସେଠୀ ନିନ୍ଦା କରିଛନ୍ତି।

# ୭ କ୍ରଶର ଉପରେ ଚଢ଼ାଉ

ସଜନାଗଡ଼,୧୮।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ପ୍ରଶାସନ ପକ୍ଷରୁ ଶୁକ୍ରବାର ମିତ୍ରପୁର ଅଞ୍ଚଳରେ ଥିବା ୭ଟି ପଥର କ୍ରଶର ଉପରେ ଚଢ଼ାଉ କରାଯାଇଛି। ନୀଳଗିରି ଉପଜିଲାପାଳ ହରିଶ୍ ଚନ୍ଦ୍ର ଜେନା, ତହସିଲଦାର ସୁଶ୍ରୀତା ଟୁଡୁ, ଅତିରିକ୍ତ ତହସିଲଦାର ରାକେଶ କୁମାର ପଣ୍ଡା, ପ୍ରଦୂଷଣ ବିଭାଗର ଅଧିକାରୀ ସମେତ ମିତ୍ରପୁର ଆର୍‌ଆଇ, ମିତ୍ରପୁରସ୍ଥିତ ଶାନ୍ତନୁ କ୍ରସର, ଚଣ୍ଡି କ୍ରସର, କାଠଗୋଛିରେ ଥିବା ୩ଟି କ୍ରଶର ଏବଂ ମଛୁଆରେ ଥିବା ୨ଟି କ୍ରଶର ଉପରେ ଚଢ଼ାଉ କରି ପ୍ରଦୂଷଣ, ଷ୍ଟକ୍ ରେଜିଷ୍ଟର, କ୍ରଶର ଅବସ୍ଥିତି ଏବଂ ଗଚ୍ଛିତ କଞ୍ଚାମାଲ୍‌ର ରେଜିଷ୍ଟରକୁ ତଦନ୍ତ କରିଛନ୍ତି। ଏମାନଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଆସନ୍ତା ସୋମବାର ସମସ୍ତ କାଗଜପତ୍ର ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି କାଗଜପତ୍ରରେ ତ୍ରୁଟି ଥିଲେ ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯିବ ବୋଲି ସୂଚନା ମିଳିଛି।

# ଭୈରପୁର ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

ପାତ୍ରପୁର,୧୮।୧୦(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବାଦପୁର କ୍ଲଷ୍ଟର ଭୈରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରକାଶ ଚନ୍ଦ୍ର ଦାସ, ବ୍ଲକ ଶିକ୍ଷା ଅଧିକାରୀ କୋରେଶ ସେଠୀ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାହୁ, ଭରତ ପତି ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ମଦନ ମୋହନ ପ୍ରଧାନ, ଏବିଇଓ ପ୍ରଫୁଲ ଚୌଧୁରୀ, ବିଦ୍ୟାଳୟ ଅଧ୍ୟକ୍ଷ ନରସିଂହ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ପ୍ରଧାନ ଓ ଲୋକନାଥ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗଞ୍ଜାମ ଜିଲା ସିଆରସିସି ସଂଘ ସଭାପତି ଟୁଟୁ ପ୍ରଧାନ, ଏଲିମେଣ୍ଟାରି ଶିକ୍ଷକ ସଙ୍ଘ ସଭାପତି ମଧୁସୁଦନ ମହାନ୍ତି, ସିଆରସିସି ଚିନ୍ତାମଣି ନାୟକ, ବିନାୟକ ଶବର, ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ କ୍ଲଷ୍ଟର ସ୍ତରୀୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଅର୍ଥ ଲଗାଣକାରୀ ସଂସ୍ଥାର ଫିଲ୍ଡ ଅଫିସର ଗିରଫ

- ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ
- ଟଙ୍କା ହାତେଇବାକୁ କରିଥିଲେ ବାହାନା

ପାଟଣା,୧୮।୧୦(ସ୍ୱ.ପ୍ର.)

ଏକ ଅର୍ଥ ଲଗାଣକାରୀ ସଂସ୍ଥାର ଫିଲ୍ଡ ଅଫିସର ଅଜୟ କୁମାର ସାହୁଙ୍କଠାରୁ ରାସ୍ତାରେ ଟଙ୍କା ଲୁଟ୍ ଘଟଣାରେ କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ପର୍ଦ୍ଦାଫାଶ କରିଛି। କେହି ଲୁଟେରା ନୁହେଁ ନିଜେ ଅଭିଯୁକ୍ତ ଅଜୟ ଲୁଟ୍ ବାହାନା କରି ଟଙ୍କା ଆତ୍ମସାତ କରିବାକୁ ଉଦ୍ୟମ କରିଥିବା ତଦନ୍ତରୁ ଜଣାପଡିଛି। ସେ ଟଙ୍କା ଲୁଚାଇ ରଖିଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରୁ ପୋଲିସ ୧ଲକ୍ଷ ୫୯ ହଜାର ୯୭୩ ଟଙ୍କା, ବାଇକ, ସ୍ମାର୍ଟ ଫୋନ ଓ କାଗଜ ପତ୍ର ଜବତ କରିଛି। ଏ ନେଇ ଅଧିକ ତଦନ୍ତ ଚାଲୁ ରହିଥିବା ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ଅଭିଯୁକ୍ତ ଅଜୟ ମୟୂରଭଞ୍ଜ ଜିଲା କରଞ୍ଜିଆ ସ୍ଥିତ ଭାରତ ଫାଇନାନ୍ସ ଇନକ୍ଲୁଜନ ଲିମିଟେଡ କମ୍ପାନୀ ନାମକ ଏକ ଅର୍ଥ ଲଗାଣକାରୀ ସଂସ୍ଥାରେ ଫିଲ୍ଡ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ଗତ ବୁଧବାର ସେ ସାହାରପଡା ବ୍ଲକ ମାଛଗଡ଼ ଓ ରାଇଡିହା ଅଞ୍ଚଳକୁ ଯାଇ ମହିଳାମାନଙ୍କଠାରୁ ଋଣ ବାବଦ ଅର୍ଥ ଆଦାୟ କରି ଫେରୁଥିବାବେଳେ ତାଙ୍କୁ ରାଇଡ଼ିହା -ସାହାରପଡା ରାସ୍ତାର ଚଢେଇଘୁଳ ଶାଳ ଜଙ୍ଗଲ ନିକଟରେ ୪ଦୁର୍ବୃତ୍ତ ୨ଟି ବାଇକରେ ଆସି ଖଣ୍ଡା ଦେଖାଇ ୧ଲକ୍ଷ ୫୦ହଜାର୧୯୩ଟଙ୍କା ଲୁଟିନେଇଥିବା ସେ କମ୍ପାନୀର ଶାଖା ପରିଚାଳକ ରଞ୍ଜନକୁମାର ସାହୁଙ୍କୁ ଜଣାଇଥିଲେ। ପରେ ଏନେଇ ରଞ୍ଜନ ଗୁରୁବାର ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନ ଅଧିକାରୀ ସନ୍ଧ୍ୟାରାଣୀ ଜେନା ଘଟଣାର ତଦନ୍ତ କରିବା ବେଳେ ପ୍ରକୃତରେ ଅଜୟଙ୍କଠାରୁ ଟଙ୍କା ଲୁଟ୍ ହୋଇନାହିଁ ବରଂ ସେ ନିଜେ କମ୍ପାନୀର ଟଙ୍କା ଆତ୍ମସାତ କରିବା ଉଦ୍ଦେଶ୍ୟରେ ବାଟରେ ଲୁଟ୍ ବାହାନା କରିଥିବା ଜଣାପଡିଥିଲା। ଶେଷରେ ସେ ଆନନ୍ଦପୁର ଥାନା ମୁଗୁପୁର ଗ୍ରାମ ନୀଳାପୁର ସାହିରେ ତାଙ୍କ ଭିଣୋଇଙ୍କ ଘରେ ଏହି ଟଙ୍କା ଲୁଚାଇ ରଖିଥିବା ଜଣାପଡିବାରୁ ପାଟଣା ଥାନାଧିକାରୀ ସନ୍ଧ୍ୟାରାଣୀଙ୍କ ନେତୃତ୍ୱରେ ସାହାରପଡା ଫାଣ୍ଡି ଅଧିକାରୀ ମୋନହର ମହାନ୍ତ ଓ କନଷ୍ଟେବଲ ଲକ୍ଷ୍ମୀପ୍ରିୟା ବଳ ପ୍ରମୁଖ ନୀଳାପୁର ସାହିରେ ସୁଦର୍ଶନ ସାହୁଙ୍କ ଘରେ ଚଢ଼ାଉକରି ସମସ୍ତ ଟଙ୍କା ଜବତ କରିଥିଲେ। ଥାନାରେ ପ୍ରଦତ୍ତ ଏତଲାରେ ଦର୍ଶାଯାଇଥିବା ଅର୍ଥଠାରୁ ଅଧିକ ଟଙ୍କା ଜବତ ହୋଇଥିବା ଜଣାପଡିଛି। ଏନେଇ ଭାରତୀୟ ପିଙ୍ଗଳ କୋଡ ୪୦୮, ୪୨୦ ଓ ୨୦୧ ଧାରା ଅନୁଯାୟୀ ପାଟଣା ଥାନାରେ ଏକ ମାମଲା (ନଂ. ୧୪୭/୧୯) ରୁଜୁ କରି ପୋଲିସ ଅଭିଯୁକ୍ତ ଅଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା କହିଛି। ତାଙ୍କ ଘର ଭଦ୍ରକ ଜିଲା ବନ୍ତ ଥାନା ଅପଣ୍ଡା ଗ୍ରାମରେ ବୋଲି ପୋଲିସ କହିଛି।


ପାଟଣା ପୋଲିସ ଗିରଫ ଅଜୟ କୁମାର ସାହୁଙ୍କ ଉପସ୍ଥିତିରେ ଜବତ ଟଙ୍କା ଦେଖାଉଛି।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ